ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.57 Bhubaneswar Wednesday April 05 2023 | ୨୬ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୦୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ: ମଞ୍ଜୁରୀ ସତ୍ତ୍ୱେ ୨ ମେଗା ଇସ୍ପାତ ପ୍ରକଳ୍ପ ଆରମ୍ଭ କରିନି ନିପ୍ପନ ଷ୍ଟିଲ

ଭୁବନେଶ୍ୱର,୪ ।୪(ପି.ଏନ): ନିଜର ଟିମ୍ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜାପାନର ରାଜଧାନୀ ଟୋକିଓଠାରେ ନିପ୍ପନ ଷ୍ଟିଲ କର୍ପ ?ାରେସନ ଅଧ୍ୟକ୍ଷ ଇଜି ହାସିମୋତୋଙ୍କୁ ଭେଟିବା ପରେ ଓଡିଶାରେ ବାର୍ଷିକ ୩୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ସମ୍ପର୍କରେ ଘୋଷଣା କରିଛନ୍ତି । ନିପ୍ପନ ଷ୍ଟିଲ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ଷ୍ଟିଲ ପ୍ଲାଣ୍ଟ ନା କେବଳ ଭାରତର ସର୍ବବୃହତ୍ ବରଂ ବିଶ୍ୱର ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ ମଧ୍ୟରୁ ଗୋଟିଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ନେଇ ଏବେ ଦ୍ୱନ୍ଦ୍ୱ ଦେଖାଦେଇଛି । ଏବେ ଆର୍ସେ ?ଲର ମିତ୍ତଲ କମ୍ପାନୀ ସହ ମିଶି ନିପ୍ପନ ଷ୍ଟିଲ ଯୌଥ ଉଦ୍ୟୋଗ(ଏଏମଏନଏସ) ଓଡିଶାରେ ପ୍ରାୟ ୧.୪୪ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯାଉଛି । ଏହି କମ୍ପାନୀର ୬ଟି ବୃହତ୍ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ମିଳିସାରିଛି । ଏହି ସମସ୍ତ ବୃହତ୍ ଶିଳ୍ପ ପ୍ରକଳ୍ପ ଏପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାବେଳେ ନିପ୍ପନ ଷ୍ଟିଲର ବିଶ୍ୱର ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଯାହା ଘୋଷଣା



କରିଛନ୍ତି ତାହା ଏବେ ରାଜ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ପରିବର୍ଦ୍ଧିତ ରୂପ ନା ଏକକ ଭାବେ ନିପ୍ପନ ଷ୍ଟିଲ ଏହା ନିର୍ମାଣ କରିବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି । ତା'ଛଡା ନିପ୍ପନ ଷ୍ଟିଲ ମଧ୍ୟ ନିଜସ୍ୱ ୱେବସାଇଟରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କିମ୍ବା ଏଭଳି ଘୋଷଣା ସମ୍ପର୍କରେ କିଛି ସୂଚ଼ନା ମଧ୍ୟ ଦେଇନଥିବା ଜଣାପଡିଛି । ଶିଳ୍ପ ବିଭାଗର ସୂଚ଼ନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଟୋକିଓଠାରେ ନିପ୍ପନ ଷ୍ଟିଲ କର୍ପୋରେସନ ଅଧ୍ୟକ୍ଷ ଇଜି ହାସିମୋତୋଙ୍କୁ ଭେଟିବା ପରେ ଏକ ଭିଡିଓ ବାର୍ତ୍ତାରେ ଓଡିଶାରେ ନିପ୍ପନ ଷ୍ଟିଲ ବାର୍ଷିକ ୩୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ବିଶ୍ୱର ବୃହତ୍ତମ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବ ବୋଲି କହିଛନ୍ତି । ଏହି ପ୍ଲାଣ୍ଟ ନିର୍ମାଣ ହେଲେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ, ଯାଜପୁର, କେନ୍ଦୁଝର ଜିଲ୍ଲାର ଅର୍ଥନୀତିକ ଅଭିବୃଦ୍ଧି ଆହୁରି ତ୍ୱରାନ୍ୱିତ ହେବା ସହ ବ୍ୟାପକ ରୋଜଗାର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସହ ନିପ୍ପନ ଷ୍ଟିଲ କର୍ପୋରେସନ ଅଧ୍ୟକ୍ଷଙ୍କ ଏଭଳି ଆଲୋଚ଼ନା ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ସୂଚ଼ନା ନିଜସ୍ୱ ୱେବସାଇଟ୍ ମାଧ୍ୟମରେ ଦିଆଯାଇନି ।

## ଆଦାନୀ ଗ୍ରୁପରେ ଲାଗିଥିବା ୨୦ହଜାର କୋଟି କାହାର ? : ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୪ ।୪(ପି.ଏନ): ଆଦାନୀ ଗ୍ରୁପରେ ଲାଗିଥିବା ୨୦ହଜାର କୋଟିର ବେନାମୀ ଟଙ୍କା କାହାର ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି । ଏତେ ଟଙ୍କା କାହାର ଓ କେଉଁଠୁ ଆସିଲା ବିଜେପି ଜବାବ ରଖୁ ବୋଲି ରାହୁଲ କହିଛନ୍ତି । କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ନେଇ ଏଆଇସିସି କାର୍ଯ୍ୟାଳୟରେ ସିଇସି କମିଟି ବୈଠକରେ ସାମିଲ ହେବାକୁ ଯିବା ବେଳେ ଗଣମାଧ୍ୟମରେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ରାହୁଲ । ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ ସ୍ଥିତ ଏଆଇସିସି ମୁଖ୍ୟାଳୟରେ ସିଇସି କମିଟି ବୈଠକର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯିବ । ଟିକେଟ ବଂଟନ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ନେଇ ବୈଠକରେ ବରିଷ୍ଠ ନେତାଙ୍କ ସହ ୱାନ ଟୁ ୱାନ ଆଲୋଚନା କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ।

## 'ଡ. ଅଶୋକ କୁମାର ମହାନ୍ତି: ଜର୍ଣ୍ଣି ଅଫ୍ ଏ ପ୍ରଫେସର' ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ



ଭୁବନେଶ୍ୱର, ୪ ।୪(ପି.ଏନ): ପ୍ରଫେସର ଅଶୋକ କୁମାର ମହାନ୍ତିଙ୍କ ସାଧନା ଓ ସିଦ୍ଧି ଚିରସ୍ମରଣୀୟ ରହିବ । ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ସେ ନୂତନ ମାନକ ନିର୍ମାଣ କରିଥିଲେ । ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ସେ ବିପୁଳ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ଥିଲେ । ଓଡ଼ିଶା ମାଟିର ଏହି ସୁଯୋଗ୍ୟ ସନ୍ତାନଙ୍କ ସ୍ମୃତି ରକ୍ଷା ନିମନ୍ତେ ବିଶେଷ ପ୍ରୟାସ ହେବା 'ରକାର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଉତ୍ସବରେ 'ଡ. ଅଶୋକ କୁମାର ମହାନ୍ତି: ଜର୍ଣ୍ଣି ଅଫ୍ ଏ ପ୍ରଫେସର' ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପ୍ରତିଭା ପ୍ରସବିନୀ ଓଡ଼ିଶା ମାଟିର ମହକ ସାରା ବିଶ୍ୱକୁ ସଂଚରିଯିବା 'ରକାର । ଡ. ମହାନ୍ତି ଜଣେ ପ୍ରେରଣାସ୍ଥାୟୀ ବ୍ୟକ୍ତି ଭାବରେ ଓଡ଼ିଶାର ବୌଦ୍ଧିକ ଜଗତକୁ ଯେଉଁ ଅବଦାନ ଦେଇଛନ୍ତି ତାହାର ମୂଲ୍ୟାୟନ ହେବା ନିତାନ୍ତ ଆବଶ୍ୟକ । ବିଜୁ ପଟ୍ଟନାୟକ ବୈଷୟିକ ମହାବିଦ୍ୟାଳୟର ପୂର୍ବତନ କୁଳପତି ଡ. ଓଁକାରନାଥ ମହାନ୍ତି ପ୍ରଫେସର ମହାନ୍ତିଙ୍କ କୃତି ଓ କୀର୍ତ୍ତି ସଂପର୍କରେ ଆଲୋଚନା କରିଥିଲେ । ଅଜିତ ପଟ୍ଟନାୟକ, ସୃଜନୀ ମହାନ୍ତି, ଡ. ସଂଜୀବ ମହାନ୍ତି ପ୍ରମୁଖ ପ୍ରଫେସର ମହାନ୍ତିଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଉତ୍ସବରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ନାଟୋର ନୂଆ ସଦସ୍ୟ ହେଲା ଫିନଲ୍ୟାଣ୍ଡ

ବ୍ରୁସେଲ୍ସ, ୪ ।୪(ପି.ଏନ): ନର୍ଥ ଆଟଲାଂଟିକ ଟ୍ରିଟି ଅର୍ଗାନାଇଜେସନ ବା ନାଟୋରେ ଫିନଲ୍ୟାଣ୍ଡ ନୂଆ ସଦସ୍ୟ ଭାବେ ସାମିଲ ହୋଇଛି । ଫିନଲ୍ୟାଣ୍ଡ ଏହି ମିଲିଟାରୀ ଏଲାଏନ୍ସରେ ସାମିଲ ହୋଇଥିବା ୩୧ତମ ଦେଶ ହୋଇଛି । ନାଟୋର ସେକ୍ରେଟାରୀ ଜେନେରାଲ ଜେମ୍ସ ଷ୍ଟୋଲନବର୍ଗ ଫିନଲ୍ୟାଣ୍ଡ ବିଧିବଦ୍ଧ ଭାବେ ନାଟୋର ସଦସ୍ୟ ହୋଇଥିବା ନେଇ ଘୋଷଣା କରିଛନ୍ତି ।ଅନ୍ୟ ପକ୍ଷରେ ଫିନଲ୍ୟାଣ୍ଡ ନାଟୋର ସଦସ୍ୟ ହେବାକୁ ନେଇ କଠୋର ପ୍ରତିକ୍ରିୟା ପ୍ରକାଶ କରିଛି ରୁଷ । ଏହି ଘଟଣାକୁ ରୁଷ ସାଧାରଣ ଘଟଣା ଭାବେ ନେଇ ନାହିଁ ।କ୍ରେମଲିନରୁ ଜାରୀ ଏକ ବକ୍ତବ୍ୟରେ କୁହାଯାଇଛି ଯେ ଫିନଲ୍ୟାଣ୍ଡକୁ ନାଟୋର ସଦସ୍ୟ ଦେଶ ଭାବେ ସାମିଲ କରିବା ଏକ ପ୍ରକାର ରୁଷର ସୁରକ୍ଷା ଉପରେ ଆକ୍ରମଣ । ରୁଷ ଏହାର ମୁକାବିଲା କରିବ ବୋଲି ବକ୍ତବ୍ୟରେ କୁହାଯାଇଛି ।

## ଜୋରରେ ବାଜୁଥିବା ଗୀତକୁ ବିରୋଧ କରିବାରୁ ଗର୍ଭବତୀଙ୍କୁ ଗୁଳି, ନଷ୍ଟ ହୋଇଗଲା ପିଲା

ନୂଆଦିଲ୍ଲୀ,୪ ।୪(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀର ସିରାସପୁରରେ ହୋଇଛି ଗୁଳିମାଡ । ପଡୋଶୀଙ୍କ ଗୁଳିମାଡରେ ଗୁରୁତର ହୋଇଛନ୍ତି ଜଣେ ଗର୍ଭବତୀ । ଗୁଳିମାଡ ଯୋଗୁ ମହିଳାଙ୍କ ପେଟରେ ଥିବା ପିଲାଟି ନଷ୍ଟ ହୋଇଯାଇଛି ।

## ଗୁହାଳରୁ ବାଛୁରୀକୁ ଟାଣି ନେଲା ବାଘୁଣୀ

ନୂଆପଡ଼ା,୪ ।୪(ପି.ଏନ): ନୂଆପଡ଼ା ରେଞ୍ଜ ଅଧିନ ଆମାନାରା ପଞ୍ଚାୟତରେ କିଛି ଦିନର ନୀରବତା ପରେ ପୁଣି ରକ୍ତମୁଖା ହୋଇଛି ବାଘୁଣୀ । ମଙ୍ଗଳବାର ସକାଳୁ ପାଓ୍ୱାରତୋଲା ଗାଁର ଜଣଙ୍କ ଗୁହାଳରୁ ବାଛୁରୀକୁ ଟାଣି ନେଇ ଖାଇଯାଇଛି ବାଘୁଣୀ । ସୂଚନାନୁଯାୟୀ, ଗତ ମାସେ ହେବ ଆମାନାରା ପଞ୍ଚାୟତ ମୁଖରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶାବକ ସହ ବାଘୁଣୀ ଖାଦ୍ୟ ଅନ୍ୱେଷଣରେ ଆସି ଆଡ୍ଡା ଜମାଇ ବସିଛି । ସେହିଦିନ ଠାରୁ ଆମାନାରା ପଞ୍ଚାୟତ ତରିଆ ମହୁଆଭଟା ସମେତ ପାଓ୍ୱାରତୋଲା, ମୋହରାଡ଼ିହି ଗାଁରେ ଆତଙ୍କ ଚଳାଇଛି । ଗତ କିଛି ଦିନର ନୀରବତା ପରେ ପୁଣି ବାଘୁଣୀ ରକ୍ତମୁଖା ହୋଇଛି । ସୋମବାର ରାତିରେ ପାଓ୍ୱାରତୋଲା ଗାଁର ଚିଟିରାମ ସତନାମୀ ନିଜ ଗୁହାଳରେ ଗାଈ ଓ ବାଛୁରୀକୁ ବାନ୍ଧି ରଖିଥିଲେ । ବିଳମ୍ବିତ ରାତିରେ ବାଘୁଣୀ ମୁଖରଙ୍ଗୀ ଜଙ୍ଗଲରୁ ଶିକାର ପାଇଁ ବାହାରିଥିଲା । ପାଓ୍ୱାରତୋଲା ଗାଁର ଚିଟିରାମଙ୍କ ଗୁହାଳରେ ପଶି ବାଛୁରୀକୁ ଶିକାର କରିଛି ।

## ଶହୀଦ୍ ଦିବସ ପାଳିତ



ଭୁବନେଶ୍ୱର,୪ ।୪(ପି.ଏନ): ଏପ୍ରିଲ ତା ୪ ରିଖ କୁ ସ୍ମରଣ କରିବା ପାଇଁ ସାରା ରାଜ୍ୟ ରେ ଶହୀଦ୍ ଦିବସ ପାଳିତ ହୋଇଛି ।ରଣପୁର ଅଞ୍ଚଳର ରଘୁନାଥ ମହାନ୍ତି ଓ ଦିବାକର ପରିଡା ଦୁଇ ବରପୁତ୍ରଙ୍କୁ ଆଜିର ଦିନ ରେ ଫାଶି ଦିଆଯାଇଥିଲା । ଏହି ସ୍ମୃତି କୁ ମନେ ପକାଇବା ପାଇଁ ଆଜି ରଣପୁର ବ୍ଲକ କଂଗ୍ରେସ କମିଟି ତରଫରୁ ପାଳିତ ହୋଇଛି । ରଣପୁର ପଞ୍ଚୁଦୋଳ ପଡିଆ ଠାରେ ଶହୀଦ ରଘୁ ଦିବାକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟଅର୍ପଣ କରାଯାଇଥିଲା । ରଘୁ ଦିବାକର ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇ ସ୍ମୃତି ଚ଼ାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବାଳକୃଷ୍ଣ ଷଡଙ୍ଗୀ,ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୀର ଆବୁବାକର ସିଦ୍ଦିକ୍,ଯୁବ କଂଗ୍ରେସ ନେତା ପ୍ରକାଶ ନାୟକ, ବାଦଲ ପ୍ରଧାନ, ହୃଦାନନ୍ଦ କାଣ୍ଡି, ବାସୁଦେବ ପ୍ରଧାନ, ବୁଲୁ ନାୟକ ପ୍ରଭୃତି କଂଗ୍ରେସ କର୍ମୀ ମାନେ ଯୋଗଥିଲେ ।।

## ମୁଖ୍ୟମନ୍ତ୍ରୀଙ୍କ ବ୍ୟୟବହୁଳ ବିଦେଶ ଗସ୍ତ କାହିଁକି, ପ୍ରଶ୍ନ କଲେ ଶରତ ଓ ବିଜୟ

ଭୁବନେଶ୍ୱର, ୪ ।୪(ପି.ଏନ): ରାଜ୍ୟ ସରକାର "ନାମ ବଡ଼ା-ଦର୍ଶନ ଥୋଡା" ଧାରାରେ ଚାଲିଛନ୍ତି । ପୁଞ୍ଜି ନିବେଶ ପାଇଁ ସରକାର ଯାହା ବିନିଯୋଗ କରିଛନ୍ତି ତାର ଆନୁପାତିକ ଫଳ ପାଉନାହାନ୍ତି ବୋଲି କଂଗ୍ରେସ ଭବନଠାରେ ଓଡ଼ିଶାରେ ଶିଳ୍ପ ସ୍ଥିତି ଓ ପ୍ରଗତି ଶୀର୍ଷକରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ବରିଷ୍ଠ କଂଗ୍ରେସ ନେତା ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମେକ୍-ଇନ-ଓଡ଼ିଶା ପ୍ରସଙ୍ଗରେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଅଧିକାର ଆଇନ ତଥ୍ୟ ଉପରେ ଆଧାରିତ ନିମ୍ନମତେ କେତେକ ପ୍ରଶ୍ନ ପଚାରି ତା'ର ଉତର ଦାବି କରିଛନ୍ତି ।ଓଡ଼ିଶା ସରକାର ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଜାପାନ, ରୋମ୍, ଦୁବାଇରେ ବୈଠକ କରିଆସୁଛନ୍ତି । ତେବେ ଏ ପର୍ଯ୍ୟନ୍ତ କେତେ ବିଦେଶୀ ନିବେଶକ ଓଡିଶାକୁ ଆସିଛନ୍ତି ? ଆର.ଟି.ଆଇର ତଥ୍ୟ ଅନୁସାରେ ୨୦୧୬ ମସିହା ଠାରୁ ୨୦୨୨ ମଧ୍ୟରେ କେବଳ ୫ ବିଦେଶୀ ନିବେଶକ ଓଡିଶାରେ ଶିଳ୍ପ ସ୍ଥାପନ କରିବାକୁ ଆସିଛନ୍ତି । ଯାହାର ମୂଲ୍ୟ



୧୩୬୮.୫୪ କୋଟି ଟଙ୍କା । ତେବେ ଏତେ ମହଙ୍ଗା ବିଦେଶ ଗସ୍ତ କାହିଁକି ?ସେ ପ୍ରଶ୍ନ କରିଛନ୍ତି ଯେ ୨୦୧୬ ମସିହାରେ ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ସରକାର ୨୦.୭୯କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ସେହିପରି ୨୦୧୮ ମସିହାରେ ରାଜ୍ୟ ସରକାର ୩୪.୫୧କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ୨୦୨୨ମସିହାରେ ଆୟୋଜିତ ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମରେ କେତେଜଣ ଓଡ଼ିଆ ସଭା ମଂଚରେ ଉପରେ ବସିଥିଲେ ? ମେକ୍-ଇନ୍-ଓଡ଼ିଶା ୨୦୧୮ରେ ୨୦୨ଟି ପ୍ରକଳ୍ପରେ ୪.୨୩ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଇ ୨୪୧୫୧୮ ଜଣଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲା । ସରକାରଙ୍କ ଦ୍ୱାରା ଏହାର ସମୀକ୍ଷା କରାଯାଇଛି କି ? ଯଦି ପ୍ରଶ୍ନର ଉତର ହଁ, ତେବେ ସରକାର ଏହି ଦାୟୀତ୍ୱ କାହାଉପରେ ନ୍ୟସ୍ତ କରିଥିଲେ ଓ ନିଯୁକ୍ତି ବ୍ୟକ୍ତିମାନଙ୍କ ମଧ୍ୟରୁ ଓଡ଼ିଶାରୁ କେତେ ଜଣକାହିଁକି ଓଡ଼ିଶାର ବିଭିନ୍ନ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉନାହିଁ । ଓଡ଼ିଶାର କ'ଣ କୌଣସି ନିବେଶକ ନାହାଁନ୍ତି କି ?ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁମାନେ ଓଡ଼ିଶା ବାହାରୁ ଆସିବେ ସେମାନଙ୍କ ପାଇଁ ସିଙ୍ଗଲ୍ ୱିଣ୍ଡୋ ସୁବିଧା ଅଛି, ହେଲେ ଯେଉଁମାନେ ଓଡ଼ିଶାରେ ଶିଳ୍ପ ସ୍ଥାପନ କରିସାରିଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ କ'ଣ ବ୍ୟବସ୍ଥା ଅଛି ?ଓଡ଼ିଶାରେ ଏମ୍.ଏସ୍.ଏମ୍. ଇ କୁ ଆକର୍ଷିତ କରିବା ତଥା ପ୍ରୋତ୍ସାହିତ କରିବା ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ? ଓଡ଼ିଶାରେ ଡାଉନଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟରେ କେତୋଟି ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ସେଗୁଡିକ ମଧ୍ୟରୁ କେତୋଟି ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି ?ଓଡ଼ିଶାରେ କେତୋଟି ଏମ୍.ଏସ୍.ଏମ୍.ଇ ଓଡ଼ିଶାରେ ଥିବା ପ୍ରମୁଖ ଶିଳ୍ପରୁ କେଉଁ କେଉଁ କାର୍ଯ୍ୟ ପାଇଁ ଅର୍ଡର ପାଇଛନ୍ତି ? ଏହାର ମୂଲ୍ୟ କେତେ ? ଏହିସବୁ ଏମ୍.ଏସ୍.ଏମ୍.ଇ ଉପରେ ନଜର ରଖିବା ପାଇଁ ସରକାର କ'ଣ ବ୍ୟବସ୍ଥା କରିଛନ୍ତି ?ସେହିପରି ସରକାର ଏମ୍.ଏସ୍.ଏମ୍.ଇର ବହୁବିଧ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି କି ? ଯଥା ସେମାନଙ୍କର ଜମି ସମସ୍ୟା, ମାର୍କେଟିଂ ସମସ୍ୟା ଇତ୍ୟାଦି । ଏମ୍.ଏସ୍.ଏମ୍.ଇ ଗୁଡିକ Ease of Doing Business ର ସୁବିଧା ପାଉଛନ୍ତି କି ?ଓଡ଼ିଶା ସରକାର ରାଜ୍ୟରେ ଥିବା ଷ୍ଟାର୍ଟ ଅପ୍‌ରୁ ସ୍ୱତନ୍ତ୍ର କ୍ରୟ ପାଇଁ କୌଣସି ଆଇଟମ୍ ସଂରକ୍ଷଣ କରିଛନ୍ତି କି ? ସୁତରାଂ ମେକ୍-ଇନ-ଓଡ଼ିଶା ଅଭିଯାନ କେବଳ ପ୍ରଚାରରେ ସୀମିତ ହୋଇଯାଇଛି । ରାଜ୍ୟବାସୀ ସତ୍ୟ କ'ଣ ବୁଝିବେ ଓ ତଦନୁଯାୟୀ ଆଗାମୀ ଦିନରେ ରାୟ ଦେବେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସଭାପତିତ୍ୱ କରିଥିଲେ ।

## ଝାରସୁଗୁଡା ଉପନିର୍ବାଚନ : ୩ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର, ୪ ।୪(ପି.ଏନ): ଝାରସୁଗୁଡା ଉପନିର୍ବାଚନ ପାଇଁ ୩ ଜଣିଆ ପର୍ଯ୍ୟବେକ୍ଷକ ଟିମ୍ ଘୋଷଣା କରିଛି ବିଜୁ ଜନତା ଦଳ । ଏହି ଟିମ୍‌ରେ ଅଛନ୍ତି ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର ଓ ସାରଦା ପ୍ରସାଦ ନାୟକ । ସୂଚନାଯୋଗ୍ୟ ଯେ ଆସନ୍ତା ମଇ ୧୦ ତାରିଖରେ ଝାରସୁଗୁଡା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ । ସ୍ୱର୍ଗତ ନବ ଦାସ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଛି । ଅନ୍ୟପକ୍ଷରେ କଂଗ୍ରେସ ଓ ବିଜେପି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହାନ୍ତି ।

## ଆମ୍ବୁଲାନ୍ସର ବାଟ ରୋକିଲା ବିଜେପି ନେତାଙ୍କ କାର୍, ଛଟପଟ ହୋଇ ଚ଼ାଲିଗଲା ରୋଗୀଙ୍କ ଜୀବନ



ଭୁବନେଶ୍ୱର,୪ ।୪(ପି.ଏନ): ସାମ୍ନାକୁ ଆସିଛି ବିଚ଼ଳିତ କରିବା ଭଳି ଘଟଣା । ଉତ୍ତର ପ୍ରଦେଶର ସୀତାପୁରରେ ଜଣେ ବିଜେପି ନେତାଙ୍କ କାର୍ ଗୋଟିଏ ଆମ୍ବୁଲାନ୍ସର ବାଟ ରୋକି ଦେଇଛି । ଏଥିଯୋଗୁ ଆମ୍ବୁଲାନ୍ସ ଭିତରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି । ବିଜେପି ନେତାଙ୍କ ବେପରୁଆ ଆଚ଼ରଣ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିଲେ ହେଁ ସେ ଏହାକୁ ସ୍ୱୀକାର କରି ନାହାନ୍ତି ।ଏପରି କି ରୋଗୀଙ୍କ ସମ୍ପର୍କୀୟମାନେ ତାଙ୍କୁ ପ୍ରଶ୍ନ କରିବାରୁ ସେ ନାଲି ଆଖି ଦେଖାଇବାକୁ ମଧ୍ୟ ପଛାଇ ନାହାନ୍ତି । ଅଭିଯୁକ୍ତ ବିଜେପି ନେତା ଜଣଙ୍କ ହେଲେ ଉମେଶ ମିଶ୍ରା । ତାଙ୍କ ଆଚ଼ରଣ ଓ ରୋଗୀ ମୃତ୍ୟୁକୁ ନେଇ ଏବେ ବିବାଦ ଘନେଇବାରେ ଲାଗିଛି ।ଆମ୍ବୁଲାନ୍ସରେ ଛଟପଟ ହୋଇ ପ୍ରାଣ ହରାଇଥିବା ରୋଗୀ ଜଣଙ୍କ ହେଲେ ସୁରେଶ ଚ଼ନ୍ଦ୍ର । ଶନିବାର ସୁରେଶ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚ଼ିକିତ୍ସା ପରେ ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲକୁ ରେଫର କରିଦିଆଯାଇଥିଲା । ସୁରେଶ ହାର୍ଟ ଆଟାକର ସମ୍ମୁଖୀନ ହୋଇଥିଲେ । ସେ ଯନ୍ତ୍ରଣା ଅନୁଭବ କରୁଥିବା ବେଳେ ପରିବାର ଲୋକ ତାଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ହସ୍ପିଟାଲରୁ ଲକ୍ଷ୍ନୌ ହସ୍ପିଟାଲକୁ ନେବାକୁ ଉଦ୍ୟମ କରିଥିଲେ । ସେମାନେ ଜିଲ୍ଲା ହସ୍ପିଟାଲରୁ ବାହାରିବା କ୍ଷଣି ଆମ୍ବୁଲାନ୍ସଟି ରାସ୍ତା ମଝିରେ ଅଟକି ଯାଇଥିଲା । କାରଣ ବିଜେପି ନେତା ଉମେଶ ମିଶ୍ରା ନିଜର ୱାଗନର କାର୍‌କୁ ରାସ୍ତାରେ ପାର୍କିଂ କରି ଦେଇଥିବାରୁ ଆମ୍ବୁଲାନ୍ସଟି ଆଗକୁ ଯାଇ ପାରି ନଥିଲା ।

## ନକଲି ସାର୍ଟିଫିକେଟ ମାମଲାରେ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ତିନିଜଣଙ୍କୁ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ନେବ

ବଲାଙ୍ଗୀର, ୪ ।୪(ପି.ଏନ): ବଲାଙ୍ଗୀର ନକଲି ସାର୍ଟିଫିକେଟ ମାମଲାର ତଦନ୍ତ ଭାର ହାତକୁ ନେଲା ପରେ ଅଧିକ ତଦନ୍ତ ତାଙ୍କ ଠାରୁ ତଥ୍ୟ ହାସଲ କିପରି ଏହା କରୁଥିଲେ ଅଧିକ ତଥ୍ଯ ହାସଲ ପାଇଁ ଆଜି ଏହି ମାମଲାର ମୁଖ୍ଯ ଅଭିଯୁକ୍ତ ମନୋଜ ମିଶ୍ର ସହଯୋଗୀ ଆଲୋକ ରଞ୍ଜନ ଉଦଗାତା ନକଲି ସାର୍ଟିଫିକେଟ ବ୍ୟବହାର କରି ସରକାରୀ ଚାକିରୀ ହାତେଇବା କୁ ଉଦ୍ୟମ କରି ଗିରଫ ହୋଇଥିବା ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକ କୁ ରିମାଣ୍ଡରେ ୫ ଦିନ ପାଇଁ ଆଣିବାକୁ ବଲାଙ୍ଗିର ଏସଡିଜେଏମ୍ ଙ୍କ ଠାରେ ଆବେଦନ କରିଥିଲା ଓ କ୍ରାଇମବ୍ରାଂଚ ଆବେଦନ ଉପରେ କୋର୍ଟ ବିଚାରକରି ସେମାନଂକୁ ତିନିଦିନ ପାଇଁ ପୁଲିସ ରିମାଣ୍ଡ ମଞ୍ଜୁର କରି ଆଗାମୀ କାଲି ୫ ଏପ୍ରିଲରୁ ନେବାକୁ ମଞ୍ଜୁର କରିଛନ୍ତି ଓ ଆଜି କ୍ରାଇମବ୍ରାଂଚ ଦଳ ମୁଖ୍ୟ ଅଭିଯୁକ୍ତ ମନୋଜ ଓ ସହଯୋଗୀ ଆଲୋକ ର ବାସଗୃହ କୁ ତଲାସୀ କରିଥିଲେ ଏହି ମାମଲରେ ତଥ୍ୟ ଜୁଟାଇବା କୁ ବ୍ୟବହୃତ ସମଗ୍ରୀ ଇତ୍ୟଦି ସନ୍ଧାନ କରିଥିଲେ ଓ ତଦନ୍ତ ବେଳେ ସେମାନଙ୍କ ପରିବାର ସଦସ୍ୟଙ୍କ ଅଭିଯୁକ୍ତମାନଙ୍କୁ ଅନୈତିକ ଭବରେ ଠକାମି କରି ଅର୍ଥ କରିବା ଦିଗରେ ସହଯୋଗ ଉପରେ ପରିକ୍ଷଣ କରାଯାଇଥିଲା ଓ ଦୁଇଜଣଙ୍କ ନିକଟ ସମ୍ପର୍କୀୟଙ୍କୁ ତଦନ୍ତ ପାଇଁ ସମନ କରାଯିବ ବୋଲି କ୍ରାଇମବ୍ରାଂଚ ସୂତ୍ରରୁ ସୂଚନା ମିଳିଛି ଓ ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ମାମଲାରେ ରାଜ୍ୟ ସରକାରଙ୍କ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ପରେ ଗତ ଶନିବାର ସଂନ୍ଧ୍ୟାରେ କ୍ରାଇମବ୍ରାଂଚର ଏକ ଟିମ୍ ବଲାଙ୍ଗିରରେ ପହଂଚି ତନାଘନା ଆରମ୍ଭ କରିଛି । ଜାଲ୍ ସାର୍ଟିଫିକେଟ ରାକେଟର ମୁଖ୍ୟ ତଥା ରିଲାଏନ୍ସ ଏଜୁକେସନାଲ କମ୍ପ୍ଲେକ୍ସର ମାଲିକ ମନୋଜ କୁମାର ମିଶ୍ର ଠାରୁ ଅଧିକ ତଥ୍ୟ ଆଦାୟ ପାଇଁ ଚେଷ୍ଟା କରିବ କ୍ରାଇମବ୍ରାଂଚ । ବଲାଙ୍ଗିର ସହିତ ଅନ୍ୟ ଜିଲ୍ଲା ଏବଂ ରାଜ୍ୟ ବାହାରକୁ ଏହି ଚେର ଲମ୍ବିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ତେବେ ଏହି ରାକେଟର ଚେର କେତଦୂର ଲମ୍ବିଛି ସେନେଇ ତଦନ୍ତ କରୁଛି କ୍ରାଇମବ୍ରାଂଚ । ଇନଷ୍ଟିଚ୍ୟୁଟରୁ ମିଳିଥିବା ଡାଏରୀରୁ ନିଯୁକ୍ତି ପାଇଥିବା ଅନେକଙ୍କ ନାମ, କିଏ କେଉଁଠି କେଉଁ ବିଭାଗରେ ନିଯୁକ୍ତି ପାଇଛନ୍ତି, କିଏ କେତେ ଅର୍ଥ ଦେଇଛନ୍ତି, କାହା ମାର୍ଫତରେ ନକଲି ସାର୍ଟିଫିକେଟ ଦିଆଯାଇଛି ତାହା ଜଣାପଡିଛି, ଯାହାକି ଆଗକୁ କ୍ରାଇମବ୍ରାଂଚକୁ ତଦନ୍ତରେ ସହଯୋଗ କରିବ ତେଣୁ ବଲାଙ୍ଗିର ଟାଉନ ଥାନାରୁ କେଶ୍ ନେଲା ପରେ ସବୁ କୁ ନିଜର ଦାୟିତ୍ୱ ଆଣିଛି । ଡିଏସପି ଡି.ଏସ. ଚକ୍ରଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ଏହି ୫ ଜଣିଆ ଟିମ୍ ବଲାଙ୍ଗିରରେ ପହଂଚିବା ପରେ ବଲାଙ୍ଗିର ଏସପି ଅଫିସକୁ ଯାଇଥିଲେ । ଏସପି ନୀତିନ କୁଶଲକର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ କ୍ରାଇମବ୍ରାଂଚର ଏହି ଟିମ୍ ଏସଡିପିଓ ତୋଫାନ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସହିତ ମାମଲା ସମ୍ପର୍କରେ ପ୍ରାୟ ଅଧ ଘଂଟା କାଳ ରୁଦ୍ଧଦ୍ୱାର ବୈଠକ କରିଥିଲେ । ପରେ କ୍ରାଇମବ୍ରାଂଚର ଏହି ଟିମ୍ ଏସପି ନୀତିନ କୁଶଲକରଙ୍କ ସହିତ ଆଲୋଚନା କରି ଥିଲେ । ରବିବାର ସକାଳୁ କ୍ରାଇମବ୍ରାଂଚ ଟିମ୍ ଟାଉନ ଥାନାରେ ପହଂଚି କେସ୍ ଟିକୁ ନିଜ ଦାୟୀତ୍ୱକୁ ନେବା ସହିତ ତଦନ୍ତ ଆରମ୍ଭ କରି ଥିଲେ । ସେମାନେ ସେଦିନ କାର୍ଯ୍ୟ ଆରମ୍ଭ କରିବା ସହିତ ମୁଖ୍ୟ ଡାକଘର ଅଧିକ୍ଷକ ଙ୍କ ସହିତ ଦେଖା କରି ସବିଶେଷ ତଥ୍ୟ ହାସଲ କରିଥିଲେ, ରିଲାଏନ୍ସ ଏଡୁକେସନ୍ କମ୍ପ୍ଲେକ୍ସ ଓ ଅନ୍ୟାନ୍ୟ ସ୍ଥାନକୁ ଯାଇ ସେମାନଙ୍କ ଠାରୁ ତଥ୍ଯ ହାସଲ ପାଇଁ ତଦନ୍ତ ଜାରି ରହିଛି ଓ ପ୍ରକାଶ ଥାଉକି, ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ମିଶ୍ର ଏବଂ ତା'ର ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା ବଲାଙ୍ଗିର ଟାଉନ ଥାନା ପୋଲିସ । ଚଢ଼ଉ ବେଳେ ସମ୍ପୃକ୍ତ ସଂସ୍ଥାରୁ ୧ ହଜାରରୁ ୫ ହଜାର ନକଲି ସାର୍ଟିଫିକେଟ ଜବତ ହୋଇଥିଲା । ଏଥିସହିତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଜାଲ୍ ସାର୍ଟିଫିକେଟ ରାକେଟ ସକ୍ରିୟ ଥିବା ଜଣାପଡିଥିଲା ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ







# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୫**

# ରାଜେନ୍ଦ୍ର ନାରାୟଣ ସିଂହଦେଓ



ଡ଼ଃ.ଅରୁନ୍ଧତୀ ଦେବୀ

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଥିଲେ ରାଜାମାନଙ୍କ ମଧ୍ୟରେ ଜଣେ ସାଧାରଣ ମଣିଷ ଏବଂ ସାଧାରଣ ମଣିଷଙ୍କ ମଧ୍ୟରେ ଜଣେ ରାଜା । ସେ ଥିଲେ ଷଡ଼େଇକଳାର ଶେଷ ମହାରାଜା ଆଦିତ୍ୟ ପ୍ରତାପ ସିଂହଙ୍କର ତୃତୀୟ ସନ୍ତାନ । ସେ କ୍ଷମତାକୁ ହାତରେ ଧରି ଜନ୍ମ ହୋଇନଥିଲେ । ଘଟନାକ୍ରମେ କ୍ଷମତା, ତାଙ୍କ ହାତକୁ ଆସିଥିଲା । ତେଣୁ ସେ କ୍ଷମତା ପ୍ରତି ସର୍ବଦା ବୀତସ୍ପୃହ ରହୁଥିଲେ । ପାଟଣାର ମହାରାଜା ପୃଥ୍ୱୀରାଜ ସିଂହଦେଓ ନିଃସନ୍ତାନ ଥିବାରୁ ରାଜେନ୍ଦ୍ର ନାରାୟଣଙ୍କୁ ପୋଷ୍ୟ ପୁତ୍ର ଭାବେ ଗ୍ରହଣ କରିଥିଲେ ଏବଂ ସମୟକ୍ରମେ ସେ ରାଜସିଂହାସନ ଆରୋହଣ କରିଥିଲେ । ସେ ବିଳାସ ବ୍ୟସନରେ କାଳ ନକାଟି ପ୍ରଜାଙ୍କ ଉନ୍ନତି ପାଇଁ ସମୟ ଦେଇଥିଲେ । ତାଙ୍କ ଶାସନ କାଳରେ ରାଜ୍ୟର ବହୁ ଉନ୍ନତି ସାଧିତ ହୋଇଥିଲା । ସେ କୃଷିକୁ ଗୁରୁତ୍ୱ ଦେଉଥିଲେ । ଚାଷୀମାନଙ୍କୁ ଉନ୍ନତ ମାନର ବିହନ ଯୋଗାଣ ଠାରୁ ଆରମ୍ଭ କରି ଶସ୍ୟ ସଂରକ୍ଷଣ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ରାଜକୀୟ ପୃଷ୍ଠପୋଷକତା, ସହଯୋଗ ମିଳୁଥିଲା । ତାଙ୍କ ଉଦ୍ୟମରେ ରାଜ୍ୟରେ ବୟନ ଶିଳ୍ପର ବିକାଶ ହୋଇଥିଲା । ଟିଟିଲାଗଡ଼ରେ ଚମଡ଼ା କାରଖାନା ବସିଥିଲା । ସେ ସମବାୟ ବ୍ୟାଙ୍କ ବ୍ୟବସ୍ଥାର ପ୍ରଚଳନ କରିଥିଲେ । ତାଙ୍କ ସମୟରେ ତିନିଶହରୁ ଅଧିକ ସମବାୟ ସଂସ୍ଥା କାର୍ଯ୍ୟ କରୁଥିଲା । ସେ ଡାକ୍ତରଖାନା ଖୋଲାଇଥିଲେ । ଶିକ୍ଷାର ପ୍ରସାର ପାଇଁ ପ୍ରତିଷ୍ଠା କରିଥିଲେ ରାଜେନ୍ଦ୍ର ମହାବିଦ୍ୟାଳୟ । ଗମନାଗମନ ସୁବିଧା ପାଇଁ ସଡ଼କ ପରିବହନ ସଂସ୍ଥା ଗଢ଼ିଥିଲେ । ବଲାଙ୍ଗୀର ସହରରେ ବିଦ୍ୟୁତ୍ ସଂଯୋଗ କରାଇଥିଲେ । ପରାଧୀନ ଭାରତରେ ପ୍ରଜାଙ୍କ ପାଇଁ ଏତେ ଏତେ ସୁବିଧା କରାଇଥିବା ଏହି କର୍ତ୍ତବ୍ୟନିଷ୍ଠ, ପ୍ରଜାବତ୍ସଳ ଓ ନିରାଡ଼ମ୍ବର ରାଜପୁରୁଷଙ୍କୁ ଯଥାର୍ଥରେ ରାଜର୍ଷି କୁହାଯାଇପାରେ । ଓଡ଼ିଶାର 'କ' ଶ୍ରେଣୀର ରାଜାଙ୍କ ମଧ୍ୟରେ ରାଜେନ୍ଦ୍ର ନାରାୟଣ ହିଁ ସର୍ବ ପ୍ରଥମେ ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷରିତ କରିଥିଲେ । ଓଡ଼ିଶା ସରକାରଙ୍କୁ କ୍ଷମତା ହସ୍ତାନ୍ତର ବେଳକୁ ବଲାଙ୍ଗୀର ରାଜକୋଷରେ ୫୨ଲକ୍ଷ ଟଙ୍କା ଗଚ୍ଛିତ ଥିଲା । ସେ ଚାହିଁଥିଲେ, ଉକ୍ତ ଟଙ୍କା ହସ୍ତାନ୍ତର ନ କରି, ରଖିପାରିଥାଆନ୍ତେ । ଏଥିପାଇଁ ମଧ୍ୟ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ତେବେ ସେ ତାହା ନକରି କହିଥିଲେ ଗଚ୍ଛିତ ଧନ ପ୍ରଜାଙ୍କର । ଏହା ଉପରେ ତାଙ୍କର ଅଧିକାର ନାହିଁ । ରାଜ୍ୟ ହସ୍ତାନ୍ତର ପରେ ରାଜେନ୍ଦ୍ର ନାରାୟଣ କୋଶଳୋତ୍କଳ ପ୍ରଜା ପରିଷଦ ନାମକ ରାଜନୈତିକ ଦଳ ଗଠନ କରିଥିଲେ । ଏହାର ନାମ ପରେ ବଦଳି ହୋଇଥିଲା ଗଣତନ୍ତ୍ର ପରିଷଦ । ଏହି ଦଳର ନୀତି ଆଦର୍ଶ ପ୍ରଚାର ପ୍ରସାର ପାଇଁ ସେ ପ୍ରକାଶ କରିଥିଲେ ସାପ୍ତାହିକ ଗଣତନ୍ତ୍ର । ପାଟଣା ଗେଜେଟ, ପାଟଣା ଦୀପିକା, ଚତୁରଙ୍ଗ ଆଦି ତାଙ୍କ ଦ୍ୱାରା ପ୍ରକାଶିତ ଅନ୍ୟ ସମ୍ବାଦପତ୍ର ଓ ପତ୍ରିକା । ୧୯୭୫ ଫେବୃଆରୀ ଆଜିର ଦିନରେ ମାତ୍ର ୬୨ ବର୍ଷ ବୟସରେ ରାଜେନ୍ଦ୍ର ନାରାୟଣଙ୍କ ଅକାଳ ବିୟୋଗ ଘଟିଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ମହିଳାଙ୍କ ଖରାଦିନିଆ ଚର୍ମରୋଗ

ଖରାର ତାତି ବଢ଼ିଲାଣି । ଖରାର ପ୍ରକୋପ ଯେଉଁପରି ଭାବରେ ବୃଦ୍ଧି ପାଉଛି ସକାଳ ସମୟ ଓ ରାତି ସମୟର ଶୀତଳତା ଏହା ପାଇଁ ଯଥେଷ୍ଟ ହେଉନାହିଁ । ଟାଣ ଖରା ବ୍ୟତୀତ ଗୁଳୁଗୁଳି ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ତେବେ ଦେଖାଯାଏ ଖରାଦିନରେ ମହିଳାମାନେ କାମଦାମରେ ବ୍ୟସ୍ତ ରହୁଥିବାରୁ ସେମାନେ ବେଶୀ ଅସ୍ୱସ୍ତିବୋଧ ଅନୁଭବ କରନ୍ତି । ପ୍ରାୟତଃ ଘରର ସବୁକାମରେ ମହିଳାମାନଙ୍କୁ ବ୍ୟସ୍ତ ରହିବାକୁ ପଡୁଥିବାରୁ କେବଳ ଘରର ଗୃହିଣୀମାନେ ନୁହଁନ୍ତି ଶ୍ରମଜିବୀ, କର୍ମଜିବୀ ଓ ପାଠପଢୁଥିବା ଝିଅମାନେ ମଧ୍ୟ ଖରାର ତାତିରେ ନିଜକୁ ଅଭ୍ୟସ୍ତ କରିପାରନ୍ତି ନାହିଁ । ଦେଖାଯାଏ ଖରାଦିନରେ ବିଭିନ୍ନ ପ୍ରକାର ଚର୍ମ ରୋଗକୁ ମହିଳାମାନେ ସମ୍ମୁଖୀନ ହୋଇଥାନ୍ତି । ଚର୍ମରୋଗ ହେଉଛି ଖରାଦିନ ପାଇଁ ସବୁଠାରୁ ଅସ୍ୱସ୍ତିକର ରୋଗ । ମହିଳମାନେ ବେଶୀ ସମୟ କାମରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ଦେହରୁ ଅଧିକ ଝାଳ ବାହାରିଥାଏ । ସେହିପରି ଖରାଦିନରେ ଘମିର ଏକ ସାଧାରଣ କଥା । ତେବେ ଜଣେ ଜଣେ ଘମିରରେ ଏତେ ମାତ୍ରାରେ ଆକ୍ରାନ୍ତ ହୋଇଯାଆନ୍ତି ଯେ, ତାଙ୍କ ଶରୀରରେ ନାଲି ଚିହ୍ନ ହୋଇ ଫୋଟକା ପରି ବାହାରକୁ ଜଣାପଡ଼େ । ଏହାର ଚିକିତ୍ସା ନକଲେ ପରବର୍ତ୍ତୀ ସମୟରେ ବିଷାକ୍ତ ଘାର ରୂପ ନେଇଥାଏ । ଖରାଦିନରେ ମହିଳାମାନଙ୍କ ସାଧାରଣ ଚର୍ମରୋଗ ଭିତରେ ଘମିରକୁ ଛାଡ଼ିଲେ ବ୍ରଣ, ଫୋଟକା, ଦେହର ବିଭିନ୍ନ ସ୍ଥାନରେ କୁଣ୍ଡିଆ ଓ କାଛୁ ମଧ୍ୟ ହୋଇଥାଏ । ପବନର ସଂସ୍ପର୍ଶରେ ଏହି ଚର୍ମରୋଗ ସ୍ୱଭାବିକ ଭାବରେ ଅନ୍ୟମାନଙ୍କ ଦେହକୁ ମଧ୍ୟ ଖୁବ୍ ସହଜରେ ସଂକ୍ରମିତ ହୋଇଥାଏ । ମହିଳାମାନେ ସଦାସର୍ବଦା ଶରୀରକୁ ପୂର୍ଣ୍ଣକରି ଲୁଗାପଟା ପିନ୍ଧୁଥିବାରୁ ପବନ ବିଶେଷକରି ସେମାନଙ୍କ ଶରୀରକୁ ସତେଜ ପରି ସ୍ପର୍ଶ କରିନଥାଏ । ସେହିପରି ଦେଖାଯାଏ ପରିବାରର ଜଣକୁ ଚର୍ମରୋଗ ହେଲେ ତାହା ଅନ୍ୟମାନଙ୍କୁ ସଂକ୍ରମିତ ହେବାର ସମ୍ଭବନା ବି ରହିଥାଏ ।

ସମ୍ପ୍ରତି ମହିଳା ଓ ଯୁବତୀମାନେ ସୌନ୍ଦର୍ଯ୍ୟ ପ୍ରତି ସଚେତନ ରହୁଥିବାରୁ ଖରାଦିନରେ ସାମାନ୍ୟ ସଚେତନ ଅଭାବରୁ ବିଭିନ୍ନ ଚର୍ମରୋଗର ଆଶଙ୍କା ରହିଥାଏ । ପ୍ରଶାଧାନ ସାମଗ୍ରୀର ସଠିକ୍ ଯତ୍ନ ନନେଲେ ଏବଂ ନିର୍ଦ୍ଦିଷ୍ଟ ଅନୁପାତରେ ସଠିକ୍ ଭାବରେ ବ୍ୟବହାର ନକଲେ ଏହା ଚର୍ମରୋଗର କାରଣ ହୋଇଥାଏ । ଅନେକ କ୍ଷେତ୍ରରେ ଦେଖାଯାଇଥାଏ ଖରାଦିନର ଶେଷ ଆଡ଼କୁ ହାଡ଼ଫୁଟି ମଧ୍ୟ ଅନେକଙ୍କୁ ଆକ୍ରାନ୍ତ କରିଥାଏ । ମୃତ୍ୟୁବତ୍ ଯନ୍ତ୍ରଣା ଦେଉଥିବା ହାଡ଼ଫୁଟି ହେଉଛି ଯନ୍ତ୍ରଣାଦାୟକ ଚର୍ମରୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ମହିଳାମାନଙ୍କର ଚର୍ମରୋଗ କ୍ଷେତ୍ରରେ ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ସଚେତନତା ଅଭାବରୁ ଏହି ରୋଗକୁ ପ୍ରକାରାନ୍ତରେ ଆମନ୍ତ୍ରଣ କରିଥାନ୍ତି ।



ପ୍ରଫେସର ଡାକ୍ତର ବିନୋଦିନୀ ବେହେରା

ପରିବାରରେ ମହିଳମାନେ ସଦାସର୍ବଦା କାମରେ ବ୍ୟସ୍ତ ରହୁଥିବା ଭିତରେ ନିଜ ଶରୀରର ଯତ୍ନ ନେବାକୁ ପ୍ରାୟତଃ ଅବହେଳା କରିଥାନ୍ତି । ପ୍ରାରମ୍ଭିକ ସମୟରେ କୌଣସି ଟୁଟ୍‌କା ବା ଘରୋଇ ଚିକିତ୍ସା ଉପରେ ନିର୍ଭରଶୀଳ ହୋଇ ଚର୍ମରୋଗ ଯନ୍ତ୍ରଣାଦାୟକ ହେଲାବେଳକୁ ଚର୍ମ ବିଶେଷଜ୍ଞଙ୍କୁ ସାକ୍ଷାତ କରିଥାନ୍ତି । ଚର୍ମରୋଗର ମୁଖ୍ୟ ବାହକ ହେଉଛି ପବନ ଓ ପାଣି । ଦ୍ୱିତୀୟ ବାହକ ହେଉଛି ଜଣେ ସୁସ୍ଥ ଲୋକ ଚର୍ମରୋଗୀର ସଂସ୍ପର୍ଶରେ ଆସିଲା ମାତ୍ରେ ଏହା ସଂକ୍ରମିତ ହୋଇଥାଏ । ଘମିର କଥା ଦେଖନ୍ତୁ । ଘମିର ହେଉଛି ଏକ ପ୍ରକାର ଦେହର ଝାଳରୁ ସୃଷ୍ଟି ହେଉଥିବା ଚର୍ମରୋଗ । ଅବଶ୍ୟ ଘମିର ଏବେ ସାଧାରଣ କଥାରେ ପରିଣତ ହୋଇଗଲାଣି । କିନ୍ତୁ ଖରାଦିନରେ କାଛୁବା କୁଣ୍ଡିଆ ଏବଂ କେତେକ କ୍ଷେତ୍ରରେ ମହିଳାଙ୍କୁ ବିଇଞ୍ଚ ପରି ଯାଦୁରା ରୋଗ ହୋଇଥାଏ । ଏହି ରୋଗ ଆଦିବାସୀ ଓ ଗ୍ରାମାଞ୍ଚଳର ମହିଳାମାନଙ୍କୁ ବିଶେଷ ଭାବରେ ଆକ୍ରାନ୍ତ କରିଥାଏ । ଚର୍ମରୋଗ କ୍ଷେତ୍ରରେ ଦେଖାଯାଏ ଲୋକ ଚିକିତ୍ସା ପ୍ରଣାଳୀକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ସଚେତନତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି । ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଇଥାଏ ସେମାନେ ରୋଗଟିକୁ ଯଥେଷ୍ଟ ଭାବରେ ବଢ଼ାଇ ସାରିଲା ପରେ ଡାକ୍ତରଖାନା ଆସିଥାନ୍ତି । ଘରର କାମ ଓ ଦାୟିତ୍ୱ ଭିତରେ ମହିଳାମାନଙ୍କୁ ପ୍ରାୟତଃ ସବୁକିଛି କରିବାକୁ ପଡ଼ିଥାଏ । ତେଣୁ ଜଣେ ସୁସ୍ଥ ମହିଳା ଏକ ସୁସ୍ଥ ପରିବାର ଚଳାଇପାରେ ଏହାକୁ ଗୁରୁତ୍ୱ ଦେବା କଥା । ସର୍ବପ୍ରଥମେ ଘରର ପରିବେଶ ଓ ଘର ବାହରର ପରିବେଶ ପ୍ରତି ଦୃଷ୍ଟି ଦିଅନ୍ତୁ । ସଫାସୁତୁରା ରଖନ୍ତୁ, ସନ୍ତସନ୍ତିଆ ବା ଅଳିଆ ଆବର୍ଜନା ଗଦା କରି ରଖନ୍ତୁ ନାହିଁ । ପରିବାରରେ କାହାକୁ କୌଣସି ପ୍ରକାର ଚର୍ମରୋଗ ହେଲେ ଭୟଭୀତ ନହୋଇ ଦୃଢ଼ମନା ହୁଅନ୍ତୁ । ଧୈର୍ଯ୍ୟ ଧରନ୍ତୁ ଚିକିତ୍ସକଙ୍କ ସହାୟତା ନିଅନ୍ତୁ । ଖରାଦିନେ ପ୍ରାୟତଃ ପାନୀୟଜଳ ଦୂଷିତ ହେବାର ସମ୍ଭାବନା ରହିଥାଏ । ଖରାଦିନରେ ଦିନକୁ ନିଶ୍ଚିତ ଭାବରେ ଦୁଇଥର ଗାଧୋଇବାର ଅଭ୍ୟାସ ରଖନ୍ତୁ ସୁବିଧା ଥିଲେ ଗାଧୋଇବା ଜଳରେ ନିମଗଛର ଛାଲିକୁ ଗରମ ପାଣିରେ ସିଝାଇ ତାକୁ ଗାଧୋଇବା ପାଣିରେ ବ୍ୟବହାର କରନ୍ତୁ । ନିୟମିତ ବ୍ୟବଧାନରେ ପ୍ରଚୁର ପାଣି ପିଅନ୍ତୁ । ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ ଯଥା ସମ୍ଭବ ଆମିଷ ଖାଦ୍ୟ, ଫାଷ୍ଟଫୁଡ଼ ଖାଦ୍ୟ ଓ ଫ୍ରିଜର ଥଣ୍ଡା ଖାଦ୍ୟକୁ ଗରମ କରି ଖାଇବାର ଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ । ଯଥାସମ୍ଭବ ତଟକା ପନିପରିବା, ଫଳ, ଶାଗ ଓ ସମ୍ଭବ ହେଲେ ପଇଡ଼ ପିଅନ୍ତୁ । ନିଜ ବିଛଣାପତ୍ର ଖରାରେ ଶୁଖାଇ ସ୍ୱାସ୍ଥ୍ୟପ୍ରଦ କରନ୍ତୁ । ଗରମ ଖାଦ୍ୟ ଖାଆନ୍ତୁ ପ୍ରତ୍ୟୁଷରୁ ଉଠନ୍ତୁ । ଟାଣ ଖରାରେ କୁଆଡ଼େ ଜିବାକୁ ଥିଲେ ଟୋପି ବା ଛତା ସାଙ୍ଗରେ ନିଅନ୍ତୁ । ଶରୀରର କୌଣସି ଚର୍ମସ୍ଥାନ କୁଣ୍ଡେଇ ହେଲେ ନଖରେ ବା କୌଣସି ତୀକ୍ଷଣ ପଦାର୍ଥ ଦ୍ୱାରା ଗଭୀର ଭାବେ କୁଣ୍ଡାନ୍ତୁ ନାହିଁ । ଚର୍ମକୁ ସୁରକ୍ଷା ଦେବା ପାଇଁ ବଜାରରେ ମିଳୁଥିବା ଶସ୍ତା ତେଲ ବା କ୍ରିମ କିମ୍ବା କୌଣସି ଟୁଟୁକା ଟୁଟୁକି ଜିନିଷ ବ୍ୟବହାର କରନ୍ତୁ ନାହିଁ । ଏସବୁ ଚର୍ମ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ବ୍ୟବହାର କରନ୍ତୁ । ବିଶେଷ କରି ମହିଳାମାନେ ଖରାଦିନରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ସଚେତନ ରହିବା ବାଞ୍ଛନୀୟ ।

*ପ୍ରଫେସର, ଚର୍ମ ଓ ଯୌନ ରୋଗ ବିଭାଗ, ପିଏମଆରଆଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ବାରିପଦା*

# ସ୍ୱପ୍ନ ସାକାର ହେଉ

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ୮୮ତମ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯମଜ ସହର କଟକ-ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳ ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରି ରାଜ୍ୟବାସୀଙ୍କୁ ଉତ୍କଳ ଦିବସର ଭେଟି ଦେଇଛନ୍ତି । ତେବେ ଏହି ମେଟ୍ରୋ ରେଳ ସେବା କେବଳ ଦୁଇ ମହାନଗର ନିଗମ ତଥା ରାଜଧାନୀ ଭୁବନେଶ୍ୱର ଏବଂ ସହସ୍ର ବର୍ଷର କଟକ ମଧ୍ୟରେ ସୀମିତ ରହିବ ନାହିଁ । ପ୍ରଥମ ପର୍ଯ୍ୟାୟରେ ଦୁଇ ଯମଜ ସହର ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଏହା ଖୋର୍ଦ୍ଧା ଓ ଜଗନ୍ନାଥ ଧାମ ପୁରୀକୁ ସଂପ୍ରସାରଣ ହେବ । ଯୁଦ୍ଧକାଳୀନ ଭିତିରେ ପ୍ରକଳ୍ପର ଡିପିଆର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ପାଇଁ ୧୫ହଜାର କୋଟି ଟଙ୍କା ବ୍ୟୟ ହେବ । ଆସନ୍ତା ଅଗଷ୍ଟ ୧୫ତାରିଖ କାମ ଆରମ୍ଭ ସମ୍ଭାବନା ରହିଥିବା କୁହାଯାଇଛି । କେବଳ ଏତିକି ନୁହେଁ, ଏହି ମେଟ୍ରୋ ରେଳ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରାଯିବା ସହ ରାଜ୍ୟବାସୀଙ୍କୁ ଶ୍ରେଷ୍ଠ ମେଟ୍ରୋ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ମେଟ୍ରୋ ରେଳ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ । କଟକ-ଭୁବନେଶ୍ୱର ମଧ୍ୟରେ ଏହା ଯାତ୍ରୀ ପରିବହନକୁ ସୁଗମ କରିବା ସହ ପରିବେଶକୁ ସ୍ୱଚ୍ଛ ପ୍ରଦୂଷଣ ମୁକ୍ତ ରଖିବାରେ ସହାୟକ ହେବ । ଆହୁରି ମଧ୍ୟ ଲୋକଙ୍କ ଆର୍ଥୀକ ପ୍ରଗତିରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୧୫ହଜାର କୋଟି ଟଙ୍କା ବ୍ୟୟ ହେଉଥିବା ବେଳେ ୨୦୨୩-୨୪ ଆର୍ଥୀକ ବର୍ଷର ବଜେଟରେ ଏଥିଲାଗି କୌଣସି ପ୍ରସ୍ତାବ ନଥିବା ବେଳେ ଏତେ କେଉଁଠୁ ଆସିବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମଧ୍ୟ ନାହିଁ ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ୨୦୨୧ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ କହିଥିଲେ ଯେ, ୨୦୪୧ ମସିହା ସୁଦ୍ଧା ଓଡିଶାରେ ରେଳ ଚଳାଚଳ ସମ୍ଭବ ନୁହେଁ । ନିକଟ ଭବିଷ୍ୟତରେ ଦୁଇ ଯମଜ ସହରରେ ମେଟ୍ରୋ ରେଳ ଚଳାଚଳରେ କୌଣସି ପ୍ରସ୍ତାବ ନଥିବା ୨୦୨୩ ମସିହାରେ ବିଧାନସଭାରେ କୁହାଯାଇଥିଲା । ଗତ ମାର୍ଚ୍ଚ ୨୭ ତାରିଖ ପାର୍ଲିଆମେଂଟରେ କେନ୍ଦ୍ର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କହିଥିଲେ ଯେ, ଓଡିଶା ସରକାରଙ୍କ ପକ୍ଷରୁ ମେଟ୍ରୋରେଳ ଚଳାଚଳ ନେଇ କୌଣସି ପ୍ରସ୍ତାବ ନାହିଁ । କିନ୍ତୁ ଆବଶ୍ୟକ ହେଲେ କେନ୍ଦ୍ର ସରକାର ସହାୟତା ଉପରେ ବିଚାର କରିବେ । ଆହୁରି ମଧ୍ୟ କେନ୍ଦ୍ର ରେଳବାଇ ମନ୍ତ୍ରୀ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବାବେଳେ ଏ ସମ୍ପର୍କରେ କିଛି କହିନାହାଁନ୍ତି । କିନ୍ତୁ ଏହା ନିଶ୍ଚିତ ଯେ, ମେଟ୍ରୋ ରେଳ ପ୍ରକଳ୍ପ ରାଜ୍ୟ ସରକାରଙ୍କ ନିଜସ୍ୱ ପ୍ରକଳ୍ପ । ଏଥିଲାଗି କେନ୍ଦ୍ର ସରକାର ଆର୍ଥୀକ ସହାୟତା ଦେବା କୌଣସି ବାଧ୍ୟବାଧକତା ନଥିବା ବେଳେ ପ୍ରକଳ୍ପର ବ୍ୟୟଭାର ରାଜ୍ୟ ସରକାରଙ୍କର ଏହି ପ୍ରକଳ୍ପ ତ୍ରିଶୂଳିଆ ତଥା ସୁବାଷବୋଷ ସେତୁ ନିକଟରୁ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ହେବାକୁ ଥିବାବେଳେ ନନ୍ଦନକାନନ, ପଟିଆ ବାଣୀବିହାର ଏବଂ ଭୁବନେଶ୍ୱର ରେଳ ଭଳି ପ୍ରମୁଖ ସ୍ଥାନଗୁଡିକୁ ଦେଇ ମେଟ୍ରୋ ରେଳ ମାର୍ଗ ଯିବ । ଏହି ମାର୍ଗରେ ବହୁ କୋଠାବାଡି ପଡିବା ସ୍ୱାଭାବିକ । ତେଣୁ ସରକାରଙ୍କୁ ଜମି ଅଧିଗ୍ରହଣ କରିବାକୁ ପଡିବ । ପ୍ରସ୍ତାବିତ ମାର୍ଗରେ କୌଣସି ବଡ ନଦୀ ପଡୁନଥିବାରୁ ବିଶେଷ କିଛି ଅସୁବିଧା ବା ପ୍ରତିବନ୍ଧ ସୃଷ୍ଟି ହେବା ସମ୍ଭାବନା ନାହିଁ । ମାତ୍ର ବଡ ବଡ କୋଠା, ଜନବସତି ଅଚଳ ପଡିବା ସମ୍ଭାବନା ରହିଛି । ସେହିପରି କେତେକ ସ୍ଥାନରେ ଭୂତଳ ବ୍ୟବସ୍ଥା ହେବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ସେହିଭଳି ମେଟ୍ରୋ ରେଳ ମାର୍ଗ ନିର୍ମାଣ ବେଳେ ଟ୍ରାଫିକ ସମସ୍ୟା ଉପୁଜିବା ସମ୍ଭାବନା ମଧ୍ୟ ରହିଛି । ଅବଶ୍ୟ ଏନେଇ ଉଚ୍ଚସ୍ତରରେ ଆଲୋଚନା ହୋଇଥିବା ଜଣାଯାଇଛି । କହିବା ବାହୁଲ୍ୟ ଯେ, ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ରାଜ୍ୟର ବିରୋଧି ଦଳର ଜଣେ ସାଂସଦ କେନ୍ଦ୍ର ସରକାରଙ୍କ ନିକଟରେ କଟକ-ଭୁବନେଶ୍ୱର ମଧ୍ୟରେ ମେଟ୍ରୋରେଳ ସେବା ପାଇଁ ଦାବି ଉପସ୍ଥାପିତ କରିଥିଲେ । ଏହି ପ୍ରସଙ୍ଗରେ ରାଜ୍ୟରେ ଯୋର ଧରିନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଏକ ଧୂଆଁବାଣ ନହେଉ । ଅବଶ୍ୟ ଦୀର୍ଘ ୨୩ବର୍ଷର ଶାସନ କାଳରେ ସରକାର ଅନେକ ଯୋଜନା ସହ ବହୁ ଦୂରାସାଧ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି । ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ । ଯବଜ ସହରର ଜନସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ଏବଂ ଦିନକୁ ଦିନ ନୂଆ ନୂଆ କୋଠା, ଜନବସତି ଗଢି ଉଠୁଥିବାବେଳେ ସହର ମଧ୍ୟରେ ମେଟ୍ରୋ ରେଳ ମାର୍ଗ ନିର୍ମାଣ ସହ ଆନୁସଙ୍ଗିକ ଭିତିଭୂମି ନିର୍ମାଣ କରିବା ନିଶ୍ଚିତ ଭାବେ ପ୍ରତିବନ୍ଧକ ଆଣିବ । ଏହା ସତ୍ୟ ଯେ, ଯେକୌଣସି ବିକାଶ, ଉନ୍ନୟନମୂଳକ କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହେବା ସ୍ୱଭାବିକ । ଏହାକୁ ଅତିକ୍ରମ କରିବାକୁ ହେବ । ଏଥିଲାଗି ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ । ରାଜ୍ୟବାସୀଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହେଉ । ଏଥିଲାଗି ସରକାର ଯତ୍ନବାନ ହେବା ଆବଶ୍ୟକ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ରାମରସାମୃତ ସିନ୍ଧୁ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରାମାୟଣ କେବଳ ଭାରତୀୟ ଧର୍ମ ଦର୍ଶନର ମୂଳ ଉତ୍ସ ନୁହେଁ ବରଂ ଏହା ସମଗ୍ର ଭାରତୀୟ ସମସ୍ତ ଧର୍ମ ଦର୍ଶନ ଶାସ୍ତ୍ରର ପ୍ରଥମ ଉତ୍ସ । ଏହା ଆମର ରାଷ୍ଟ୍ରୀୟ ଗର୍ବ ଓ ରାଷ୍ଟ୍ରୀୟ ଚେତନା ପ୍ରଦାନକାରୀ । ଏହା ହିନ୍ଦୁ ସଂସ୍କୃତିର ସ୍ମାରକ ତଥା ବିସ୍ମୃତ ଆଦର୍ଶର ପରିଚାୟକ । ଭାରତୀୟ ଜନତାଙ୍କ ପାଇଁ ଏହା ସତେ ଯେପରି ଏକ ପ୍ରକାଶସ୍ତମ୍ଭ । ଅନ୍ଧାରିତ ଓ ଅଭୂତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ । ଏହା ଭ୍ରାତୃ ପ୍ରେମର ଅଲୌକିକ ଆଦର୍ଶ ଉପସ୍ଥାପନକାରୀ । ଏହି ରାମାୟଣର ମହତ୍ତ୍ୱକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଲେ ଆମ ସମାଜରେ ପିତାଙ୍କ ଆଜ୍ଞା ପାଳନ ଏକ ପତ୍ନୀବ୍ରତ, ଭ୍ରାତୃପ୍ରେମ, ସହଚର ମାନଙ୍କ ପାଇଁ ସମଭାବ, ପ୍ରଜାମାନଙ୍କ ମଙ୍ଗଳ କାମନା, ମାତୃଭୂମି ପ୍ରତି ପ୍ରେମ ଭକ୍ତମାନଙ୍କର ରକ୍ଷା ଓ ଦୁଷ୍ଟ ମାନଙ୍କ ଦମନ ଆଦି ଗୁଣମାନଙ୍କର କିଛି ଶିକ୍ଷା କରିପାରିବ । ଏ ଜାତି ହେବ ମହାନ ଏ ଦେଶର ସଂସ୍କୃତି ହେବ ଦିଗନ୍ତପ୍ରସାରୀ ।

ଗଞ୍ଜାମବାସୀ କବି କାହ୍ନୁ ଦାସ ରାମରସାମୃତ ସିନ୍ଧୁ ନାମକ ଏକ ରାମ କାବ୍ୟ ରଚନା କରିଥିବା ଜଣାଯାଏ । ରାମାୟଣର କଥାବସ୍ତୁକୁ କବି ତାଙ୍କ କାବ୍ୟ ମଧ୍ୟରେ ବର୍ଣ୍ଣନା କରିଥିଲେ ମଧ୍ୟ ରାମନାମର ମାହାତ୍ମ୍ୟକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ରାମ ଯେ କେବଳ ଏକ ଅବତାର ତାହା ନୁହେଁ ବରଂ କବିଙ୍କ ଦୃଷ୍ଟିରେ ସେ ସ୍ୱୟଂ ସମ୍ପୂର୍ଣ୍ଣ ବିଷ୍ଣୁ । ସେ ରାମ ନାମ ମଧ୍ୟରେ କବି ଭରି ନେଇଛନ୍ତି ମୁକ୍ତି ବା ମୋକ୍ଷର ଅମୃତ ବାରିଧାରା ।

ପରବର୍ତ୍ତୀ କାଳରେ କାହ୍ନୁ କବି ଓ ଅନୁବାଦଗଣ ରାମକଥା ବିଷୟକ ଗ୍ରନ୍ଥମାନ ଅନୁବାଦ କରି ଓଡ଼ିଆ ରାମ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସଙ୍କ 'ଟୀକା ରାମାୟଣ', ବାରାନିଧି ଦାଶଙ୍କ 'ବିଲଙ୍କା ରାମାୟଣ', ହଳଧର ଦାଶଙ୍କ 'ଅଧ୍ୟାତ୍ମ ରାମାୟଣ' ମହାଦେବ ଦାଶଙ୍କ 'ରାମାୟଣ', ଗୋପାଳ ଦାଶଙ୍କଙ୍କ 'ଆଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ରାଜେନଙ୍କର 'ଆର୍ଷ ରାମାୟଣ', ସୂର୍ଯ୍ୟମଣି ଚ୍ୟାଉ ପଟ୍ଟନାୟକଙ୍କର 'ଅଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ 'ବାଲ୍ମିକୀ ରାମାୟଣ', କେଶବ ତ୍ରିପାଠୀଙ୍କ 'ପୂର୍ଣ୍ଣ୍ୟ ରାମାୟଣ', ସୀତା ଚରଣଙ୍କ 'ଭକ୍ତିରସାମୃତ ରାମାୟଣ', ଗୁଣ ସାଗରଙ୍କର 'ରାମ ରସାମୃତ ରାମାୟଣ', କପିଳେଶ୍ୱର ବିଦ୍ୟା ଭୂଷଣଙ୍କର 'ବାଲ୍ମୀକି ରାମାୟଣ' ପ୍ରଭୃତି ବିଶେଷ ଉଲ୍ଲେକଯୋଗ୍ୟ ।

ଏତଦବ୍ୟତୀତ କବି ନିଧି ଦାଶ, ରାଧା ଚରଣ ନାୟକ, ସେବା ଦାସ, ଈଶ୍ୱର ଦାସ, ଗୋପୀନାଥ ପାତ୍ର, ରଘୁନାଥ ଦାସ, ରାମ ଦାସ, ବୈଶ୍ୟ ସଦାଶିବ ପ୍ରଭୃତି ବହୁ ସ୍ରଷ୍ଟା ରାମଚରିତ ରଚନା କରିଯାଇଛନ୍ତି । ଏହି ସବୁ ରାମକଥା ସମୂହକୁ ତୁଳନା କଲେ ଜଣାପଡ଼େ ଯେ ଏହିସବୁ ରାମୟରଣ ରାମକାବ୍ୟର ମୂଳ ରାମକଥା ଗୁଡ଼ିକ ସଂସ୍କୃତ ବାଲ୍ମିକୀ ରାମାୟଣ ସହିତ ଭିନ୍ନତ୍ୱ ପ୍ରତିପାଦନ ହୋଇଛି । ସେହି ବିଭିନ୍ନ ସମସାମୟିକ ସାମାଜିକ ସ୍ଥିତି ହିଁ ଏଥିପାଇଁ ମୂଳତଃ ଦାୟୀ । ଏହି ଭିନ୍ନତା ସତ୍ତ୍ୱେ ରାମସାହିତ୍ୟ ଯେ ଦେଶର ଜାତୀୟ ସଂହତିର ମୂଳମନ୍ତ୍ର ସନ୍ଦେହ ନାହିଁ ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

# ଶାଶୁଘର ଶିକ୍ଷା ହିଁ ଜୀବନ ପାଇଁ ଶିକ୍ଷା

ମହାପୁରୁଷମାନେ କହିଛନ୍ତି, 'ଜଣକ ଜୀବନରେ ଭଲ ବା ମନ୍ଦ ଯାହା ଆସେ ସେ ସବୁ ପାଇଁ ଅନ୍ୟ କେହି ଦାୟୀ ହେଲାଭଳି ଜଣା ଯାଉଥିଲେ ବି ସବୁକିଛି ସେ ନିଜେ ହିଁ ଦାୟୀ । ନିଛକ ଦୃଷ୍ଟିରେ ଦେଖିଲେ ଏ କଥାଟି ସତ୍ୟ । ନିଜ କର୍ମ କ୍ଷେତ୍ର ହେଉ, ସାଙ୍ଗ ସାଥୀମାନଙ୍କ ସହିତ ହେଉ ବା ଶାଶୁଘର ହେଉ । ଭଲ ବା ମନ୍ଦ, ଯାହା ଭୋଗିବାକୁ ପଡ଼େ ସେ ସବୁ ନିଜ ପାଇଁ ହିଁ ହୋଇଥାଏ । ସମସ୍ତେ ଏତେ ବଡ଼ ଆଧ୍ୟାତ୍ମିକ ସତ୍ୟଟିକୁ ଗ୍ରହଣ କରି ପାରନ୍ତି ନାହିଁ । ଅନେକ ଅପରିସ୍ଥିତରେ ପଡ଼ି ଶେଷକୁ ମହାପୁରୁଷ ମାନଙ୍କର ଏହି ଉକ୍ତିର ସତ୍ୟତା ମାନିଯାଆନ୍ତି । ଆମ ଗାଁ ଗହଳରେ ଗୋଟିଏ କଥା ଅଛି । ନିଜେ ଭଲ ହେଲେ ଦୁନିଆଁ ଭଲ । ଏହି ଗାଉଁଲି କଥାଟି ମଧ୍ୟ ମହାପୁରୁଷଙ୍କ ବାଣୀ ସହ ସମାନ ଅର୍ଥ ସୂଚାଏ । ପୃଥିବୀର ବିଭିନ୍ନ ଦାର୍ଶନିକ ମାନଙ୍କ ମନ ଦେଖିଲେ ମଧ୍ୟ ଆମେ ସେହି ଏକ ସିଦ୍ଧାନ୍ତରେ ଉପନିତ ହେବା । ସେମାନେ କହିଛନ୍ତି ଜଣେ ଲୋକ ନିଜ ମତସହ ଅନ୍ୟମାନଙ୍କ ମତ ଏକ କରାଇ ପାରିବ ନାହିଁ । ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଅନ୍ୟଠାରୁ ଭିନ୍ନ, ରୂପରେ, ମତରେ, ଗୁଣରେ । ତେଣୁ ଜଣକର ମତ ଅନ୍ୟଜଣକର ମତ ସହ ନ ମିଶିବା ସ୍ୱାଭାବିକ । କ'ଣ କରାଯିବ ? ଧୈର୍ଯ୍ୟ ଓ ଅଧ୍ୟବସାୟ ସହିତ ନୀତିନିଷ୍ଠ ଜୀବନ ତାହାପୁଣି ହସି ହସି ଯାପନ କରିଗଲେ ଦିନେ ଅନ୍ୟମାନେ ଆପେ ଇଚ୍ଛାକରି ଆମ ମତ ବିଶିଷ୍ଟ ହେବେ ।

ଆଉ ଏକ ଆଧ୍ୟାତ୍ମିକ ସତ୍ୟ । ମଣିଷ ଯଦି କୌଣସି ବ୍ୟକ୍ତିର ପସନ୍ଦ ଅନୁଯାୟୀ ନିଜକୁ ଗଢ଼େ, ତେବେ ସେ ସେହି ଜଣକର ପ୍ରିୟପାତ୍ର ହୋଇପାରେ, ସମସ୍ତଙ୍କର ପ୍ରିୟ ହୋଇପାରିବ ନାହିଁ । କାରଣ ଜଣଙ୍କର ପସନ୍ଦ ଅନ୍ୟ ଜଣଙ୍କ ଠାରୁ ଭିନ୍ନ । ତେଣୁ ଈଶ୍ୱରଙ୍କ ପସନ୍ଦ ଅନୁଯାୟୀ ନିଜକୁ ଗଢ଼ିବା ଶ୍ରେୟସ୍କର । ସେ ଯେହେତୁ ସଭିଙ୍କଠାରେ ଅଛନ୍ତି ଈଶ୍ୱରଙ୍କ ନୀତି ସମସ୍ତଙ୍କୁ ବା ଅଧିକାଂଶଙ୍କ ପାଇଁ ଗ୍ରହଣୀୟ ହୁଏ । ପ୍ରତ୍ୟେକ ଝିଅ ବାପଘର ଚଳଣି ଅନୁଯାୟୀ ବଢ଼ିଆସି ଥାନ୍ତି । ଶାଶୁଘରେ ସମସ୍ତ ସଦସ୍ୟ ତା'ପାଇଁ ଅଜଣା, ଅଚିହ୍ନା ଓ ସେମାନଙ୍କ ସହ ଚଳିବା ଆରମ୍ଭ ହେଲାବେଳେ କିଛିମାତ୍ରାରେ ଅସୁବିଧା ଦେଖା ଦେଇଥାଏ । ବୟୋଜ୍ୟେଷ୍ଠ ମାନଙ୍କ ଭୁଲ ଦେଖାଇହେବ ନାହିଁ । ସାନର ପୁଣି, ପର ଝିଅ (ବୋହୂ)ର ସବୁ ଭୁଲ ବୋଲି ସମସ୍ତେ କହିଥାନ୍ତି । ସେଥିରୁ ରକ୍ଷା ପାଇବା ପାଇଁ ଭଲ ବାଟ ହେଉଛି ପ୍ରକୃତରେ ହେଉ ବା ଚାଲାକିରେ ହେଉ ଶାଶୁ ଶ୍ୱଶୁରଙ୍କ ଛାତ୍ରୀ ପାଲଟି ଯିବା ବୋହୂ ମଧ୍ୟ ଭାବିବା ଦରକାର ଯେ ମୁଁ ତ ନୂଆ କରି ଗୋଟିଏ ଘରକୁ ଆସିଛି । ପ୍ରଥମରୁ ପାଟି ନଖୋଲି ଏ ଘରର ଚାଲିଚଳଣି, ରୀତିନୀତି ଶିଖିଗଲେ କ୍ଷତି କ'ଣ ? ମୁଁ ଏଇ ବୁଦ୍ଧି ବ୍ୟବହାର କରି ଶାଶୁଘର ଜୀବନ ଆରମ୍ଭ କରିଥିଲି । ମୋ ବାପଘରୁ ମଧ୍ୟ ଏହି ପ୍ରକାର ଉପଦେଶ ମୁଁ ପାଉଥାଏ । ମୋ ଭାଗ୍ୟକୁ ଶାଶୁ ଶ୍ୱଶୁର, ନଣନ୍ଦ, ଦେଢ଼ଶୁର ସମସ୍ତେ ଅତି ସଂସ୍କାର ସମ୍ପନ୍ନ ପରିମାର୍ଜିତ ଏବଂ ଆତ୍ମ ସମ୍ମାନ ସମ୍ପନ୍ନ । ତେଣୁ ମୋ ଭଳି ସମସ୍ତେ ଜଗିରଖି କଥାବାର୍ତ୍ତା କରନ୍ତି । ଯେଉଁଠାରେ କଥାବାର୍ତ୍ତା ଜଗିରଖି କରାଯାଏ ସେଠାରେ ସମସ୍ୟା ଉପୁଜେ ନାହିଁ । ଯଦି ଉପୁଜେ ତାହା ସହଜରେ ସମାଧାନ ହୋଇଯାଏ ।

ବୋହୂମାନଙ୍କର ସମ୍ପର୍କ ଶାଶୁଙ୍କ ସହିତ । ସେ ସବୁ କଥା ଶାଶୁଙ୍କୁ ପଚାରି ପଚାରି କରୁଥାଏ । ଆମେ ଉଭୟ ଖୁସି । ଦିନ ଗଡ଼ି ଚାଲେ । ଦିନକୁ ଦିନ ଶାଶୁଙ୍କ ସ୍ନେହଶ୍ରଦ୍ଧାରେ ମୁଁ ବାନ୍ଧୀ ହୋଇପଡୁଥାଏ । ମୋ ଠାରୁ ତାଙ୍କ ପ୍ରଶଂସା ଶୁଣି ମୋ ବାପା ବୋଉ ଭାଇ ଭାଉଜମାନେ ମଧ୍ୟ ତାଙ୍କୁ ଖୁବ୍ ପ୍ରଶଂସା କରୁଥାନ୍ତି । ଶାଶୁଘରେ ଚଳିବା ମୋ ପାଇଁ ଆଦୌ କଷ୍ଟକର ହୋଇନାହିଁ । ବରଂ ମୋ ସ୍ୱାମୀଙ୍କ ଆଡୁ ମୁଁ କିଛି କିଛି ଅସୁବିଧାର ସମ୍ମୁଖୀନ ହେଉଥିଲି । ମୁଁ ପିଲାବେଳୁ ଆମିଷ ଆହାର ପ୍ରତି ଅଭ୍ୟସ୍ତ ଥିଲି । ରେଡ଼ିଓ ଶୁଣିବା ଓ ସିନେମା ଦେଖିବା ପାଇଁ ମନକରୁଥିଲି । ସ୍ୱାମୀ ସବୁର ବିରୋଧି ଥିଲେ । ଶାଶୁଙ୍କ ଆଶ୍ୱସନା ଓ ଶ୍ୱଶୁରଙ୍କ ନୀତିନିୟମ ଯୋଗୁଁ ମୋ ବାଲ୍ୟକାଳର ଅଭ୍ୟାସରୁ ମୁଁ ସହଜରେ ମୁକ୍ତି ପାଇଗଲି । ସ୍ୱାମୀ ଆଡ଼ମ୍ବରପୂର୍ଣ୍ଣ ଲୁଗାପଟାର ପକ୍ଷପାତି ନଥିଲେ, ମୁଁ ମଧ୍ୟ ତାଙ୍କ ମତରେ ଏକମତ ହୋଇ ଯାଉଥାଏ । କିନ୍ତୁ ଶାଶୁ ବିଭିନ୍ନ ସୁଯୋଗକୁ ବ୍ୟବହାର କରି ମୋର ପିଲାମନ କ'ଣ ଚାହୁଁଥିବ ତାହା ବୁଝି ମୋତେ ଯୋଗାଇ ଦେଉଥିଲେ । ଧିରେ ଧିରେ ଶାଶୁ ମୋ ବୋଉର ସ୍ଥାନକୁ ଚାଲି ଆସୁଥିଲେ । ଦଶହରା ବାଲିଯାତ୍ରା ପ୍ରଭୃତି ପର୍ବପର୍ବାଣୀ ବେଳେ ଆମେ ବୁଲିବାକୁ ଯାଉ । କିନ୍ତୁ ଆମେ ଖୁସିରେ ଯାହା କିଣାକିଣି କରିଥାଉ, ଶାଶୁ ଯାଇ ଆମ ଠାରୁ କାହିଁ କେତେ ଗୁଣ ଅଧିକ ଭଲ ଜିନିଷ ଆଣି ଆମକୁ ଉପହାର ଦେଉଥିଲେ । ଆମେ ଭୁବନେଶ୍ୱରରେ ଥିଲାବେଳେ କଟକ ବାଲିଯାତ୍ରାର ଠୁଙ୍କାପୁରୀ ଓ ତରକାରି ପ୍ରଭୃତି ମୋ ପାଖକୁ ପଠାଉ ଥିଲେ । ଏହି କାମ ପଛରେ କେତେ ସ୍ନେହ ଓ କିଭଳି ହୃଦୟ ଥିଲା ତାଙ୍କ ଅତନ୍ତ ବର୍ତ୍ତମାନ ସେ କଥାଭାବିଲା ବେଳକୁ ଅଜାଣତରେ ଆଖିରେ ପାଣି ଆସିଯାଉଛି ।



ଶ୍ରୀମତୀ ଆଲୋକପ୍ରଭା ନନ୍ଦ

ଶାଶୁ ଶାରୀରିକ ଦୃଷ୍ଟିରୁ ବେଶୀ କାମ କରୁନଥିଲେ । ପୂଜାପ୍ରାର୍ଥନା ବି ବେଶୀ କରୁନଥିଲେ । କିନ୍ତୁ ସବୁ ଠାକୁର ଠାକୁରାଣୀଙ୍କ ତାଙ୍କ ଉପରେ ବେଶୀ କୃପା । ସେଥିପାଇଁ ସେ ସବୁବେଳେ ଏକ ଉଚ୍ଚତର ଆନନ୍ଦାବସ୍ଥାରେ ରହୁଥିଲେ । ଅନ୍ୟ କେହି ନିଜ ନିଜ ଭିତରେ କଳି କଜିଆ କଲେ ସେ ମନେ ମନେ ମର୍ମାହତ ହେଉଥିଲେ । ଚୁପ୍ ହୋଇ ଯାଉଥିଲେ । ସେମାନଙ୍କ ସଦ୍‌ଭାବ ଫେରି ଆସୁ ବୋଲି ତାଙ୍କ ଠାକୁରଙ୍କୁ ବୋଧହୁଲ ପ୍ରାର୍ଥନା କରୁଥିଲେ । ସାଇପଡ଼ିଶା, ଯା ଘର, ତା'ଘର ବୁଲିବାକୁ ଯାଇ ବାଜେ ଗପ ଗପିବାକୁ ଯାଉନଥିଲେ । କାହାଘର କେମିତି ବା ତାଙ୍କର କ'ଣ ଅଛି ଆମର ତାହା ଆସିବା ଦରକାର ଏଭଳି କେବେ କରୁନଥିଲେ । ରିକ୍ସା ଖଣ୍ଡେ ଧରି ଚଣ୍ଡୀମନ୍ଦିର ଯାଆନ୍ତି । ଯଦି ପ୍ରଚଣ୍ଡ ଖରା ହେଉଥିବ ତେବେ ସେଠାରେ ଆଇସକ୍ରିମ୍ କିଣି ରିକ୍ସା ବାଲାକୁ ଦିଆଯିବ ତା ପାଉଣା ବାବାଦକୁ ଯଦି ଟଙ୍କାଟିଏ ଦି ଟଙ୍କା ଅଧିକ ମାଗେ, ବିନା ବାକ୍ୟ ବ୍ୟୟରେ ଦେଇ ଦେଉଥିଲେ । ସେ ଚା'ପାନ ଓ ମିଠା ପ୍ରିୟ ଥିଲେ । ମୁଁ ତାଙ୍କ ଠାରୁ ଆଉ କିଛି ଶଖେ ନଶିଖେ ଚା, ପାନ, ମିଠାଟାକୁ ଅଭ୍ୟାସ କରି ନେଇଛି । ବନ୍ଧୁବାନ୍ଧବଙ୍କ ନମିତ୍ୟ ପର୍ବବେଳେ ବନ୍ଧୁବେଭାର ଭଲ ଭାବେ ଦିଆଯିବା ଦରକାର ବୋଲି ତାଙ୍କ ମତ ଥିଲା । ଆମର ସାମର୍ଥ୍ୟ କଥା ଉଠାଇଲେ କହନ୍ତି 'ମରି ମର୍ଯ୍ୟାଦା ପରା' । ତୁମେ ଯାହାଦେବ ତାହା ତୁମ ମର୍ଯ୍ୟାଦା ରକ୍ଷା କରିବ । ଶାଶୁ ଶାରୀରିକ ଶ୍ରମ କରୁନଥିଲେ, କିନ୍ତୁ ପୁଅ ମାନଙ୍କ ଘରତୋଳା ହେଉଥିବା ସମୟରେ ମସ୍ତ୍ରୀ ମୁଲିଆଙ୍କୁ କାମ ବରାଦ କରିବା ପାଇଁ କାମ ଉପରେ ଦଶଟାରୁ ପାଞ୍ଚଟା ପର୍ଯ୍ୟନ୍ତ ଜଗିରହୁଥିଲେ । ଘରେ ଥିବା ଗାଇ ମାନଙ୍କୁ ଯତ୍ନ କରୁଥିଲେ । ଶ୍ୱଶୁରଙ୍କ ସୁନ୍ଦରଗଡ଼ ବଦଳି ହୋଇଥିବା ସମୟରେ ପିଉସୀ ମାନଙ୍କ ବାହାଘର ଏକା ଏକା କରିପାରିଥିଲେ । କୌଣସି ଜିନିଷ ନଷ୍ଟ ନକରିବା ତାଙ୍କର ଏକ ବଡ଼ ଗୁଣ ଥିଲା । ବଜାର ସଉଦାରେ ଆସୁଥିବା କାଗଜ ଠୁଙ୍ଗା ମଧ୍ୟ ସଜାଡ଼ି ରଖୁଥିଲେ ସେ । ବାଡ଼ିରେ ନଡ଼ିଆ, ପଣସ, ବରକୋଳି ଭଳି ଉପାଦେୟ ଗଛମାନ ଲଗାଇ ଯତ୍ନରେ ବଢ଼ାଉଥିଲେ । ଆମେ ବୋହୂମାନେ କଟକର ରାସ୍ତାଘାଟ ମନେ ରଖି ପାରୁନଥିବା ବେଳେ ସେ ରିକ୍ସାବାଲାକୁ ଭୁଲ ଭାବେ ବାଟ ବତାଇ ପାରୁଥିଲେ । ଆମ ମାନଙ୍କ ଦେହ ଖରାପ ହେଲା ବେଳେ ଆମକୁ ବଡ଼ ଡାକ୍ତରଖାନାକୁ ନେଇ ଡାକ୍ତର ଡାକ୍ତରାଣୀଙ୍କ ସହ ପରାମର୍ଶ କରି ଔଷଧ ପାଣିର ବ୍ୟବସ୍ଥା କରିପାରୁଥିଲେ । ବୁଢ଼ୀ ବୟସରେ ଏହା କିପରି କରିପାରୁଛନ୍ତି ପଚାରିଲେ, କହନ୍ତି ସେମାନେ ମୋ ପୁଅଝିଅଙ୍କ ଭଳି ଡାକ୍ତର, ଡରିବାର କ'ଣ ଅଛି ?

ଆମେ ମାନେ ପରବର୍ତ୍ତୀ ସମୟରେ ଭଗବାନ ସତ୍ୟସାଇଙ୍କ ଆଶ୍ରିତ ହେଲୁ ଏବଂ ଦେଖିଲୁ ବାବା ଆମକୁ ଯେଉଁ ଶିକ୍ଷା ଦେଉଛନ୍ତି ମୋ ଶାଶୁଶ୍ୱଶୁର ଠିକ୍ ସେହି ଉପଦେଶମାନ ଦେଇ ଆସୁଥିଲେ, ସରଳ, ନିରାଡ଼ମ୍ବର କିନ୍ତୁ ସଂସ୍କାର ସମ୍ପନ୍ନ ଜୀବନ ଯାପନ କରି ଆମ୍ଭମାନଙ୍କୁ ସେହି ଶିକ୍ଷା ଜୀବନସାରା ଦେଇ ଯାଇଛନ୍ତି । ଶୁଣିଛି ସେ ତାଙ୍କ ସମୟରେ ମାଟିବଂଶ ଅବଧାନ ପାଖରେ ଖଡ଼ିଧରା ମାତ୍ର ଶିଖିଥିଲେ । କେଉଁଠୁ ଏତେ ସରଳ ତରଳ ହୃଦୟ ପାଇଲେ ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଶୁଣିଛି ତାଙ୍କ ବାପା ଜଗନ୍ନାଥଙ୍କ ଭକ୍ତ ଥିଲେ । ପ୍ରଥମ ସନ୍ତାନ ଭାବେ ମୋ ଶାଶୁ ତାଙ୍କ ଭକ୍ତି ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ମଧ୍ୟ ତାଙ୍କ ଶେଷ ଶଯ୍ୟାରେ 'ଦୀନବନ୍ଧୁ ଦଇତାରୀ' କହୁ କହୁ ପ୍ରାଣ ତ୍ୟାଗ କଲେ । ମୋ ସ୍ୱାମୀ ନିଜର ଘରବାଡ଼ି କରିପାରି ନଥିବାରୁ ବ୍ୟସ୍ତ ହେଉଥିଲେ । ପରବର୍ତ୍ତୀ ସମୟରେ କହୁଥିଲେ ତୋ ପାଇଁ ବୈକୁଣ୍ଠରେ ଘର ତିଆରି ହୋଇ ରହିଛି । ତାଙ୍କ ଜୀବଦଶାରେ ମୁଁ ଯେତିକି ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ତଥା ସଦାଶୀଷ ଲାଭ କରିଛି ତାଙ୍କ ଜୀବନାନ୍ତେ ତତୋଧିକ ଆଶୀର୍ବାଦ ସେ ଅମରପୁରୀରୁ ମୋ ଉପରେ ଢ଼ାଳୁଛନ୍ତି ଭଳି ଅନୁଭବ କରୁଛି । ତାଙ୍କରି ଆଶୀର୍ବାଦରୁ ମୋ ପୁଅ ଝିଅମାନେ ଭଲରେ ଅଛନ୍ତି, ଦୈବାନୁଗ୍ରହ ଅର୍ଜନ କରିବା ପଥରେ ଚାଲିଛନ୍ତି । ତାହା ହିଁ ମୋ ଜୀବନର ସବୁଠାରୁ ବଡ଼ ସନ୍ତୋଷ ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*




# ଆମେରିକାରେ ଭାରତୀୟଙ୍କ ପ୍ରଭୃତ୍ୱ ବିସ୍ତାର


ଉମାଶଙ୍କର ପ୍ରସାଦ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ରେ ଭାରତୀୟ ବଂଶୋଦ୍ଭବ ସେମାନଙ୍କର ରାଜନୈତିକ କ୍ଷେତ୍ର ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଭୁତ୍ୱ ବିସ୍ତାର କରିବାରେ ଲାଗିଛନ୍ତି। ମୁଳ ଭାରତୀୟ ସାଂସଦ ଏବଂ ଅନ୍ୟ ଭାରତୀୟ ମାନେ ବିଭିନ୍ନ କର୍ମକ୍ଷେତ୍ରରେ ନିଜକୁ ସାମିଲ କରି ଆମେରିକାରେ ସେମାନଙ୍କର ସଂଖ୍ୟା ବିସ୍ତାର କରିବାରେ ଲାଗିଛନ୍ତି। ଆମେରିକାର ଉପରାଷ୍ଟ୍ରପତି କମଲା ହେରିସ୍ ଙ୍କ ସ୍ୱର୍ଗବାସୀ ମା ଶ୍ୟାମଳା ଗୋପାଲନ୍ ତାମିଲନାଡୁର ଜୀବରସାୟନ ବିଭାଗରେ ବୈଜ୍ଞାନିକ ଥିଲେ। ତାଙ୍କ ଛଡା ବ ର୍ତମାନ ଅନେକ ଏପରି ଭାରତୀୟ ଅଛନ୍ତି ଯେଉଁମାନେ ବାଇଡେନ ଙ୍କ ହ୍ୱାଇଟ ହାଉସ, ରାଜ୍ୟ ବିଭାଗ, ପେନ୍ଟାଗନ ଏବଂ ଅନ୍ୟ ନୀତିଗତ ବିଭାଗ ମାନଙ୍କରେ ମହତ୍ୱପୂର୍ଣ୍ଣ ପଦରେ ଆସୀନ ଅଛନ୍ତି। ଆଜକୁ ପ୍ରାୟ ୬୦। ୭୦ ଦଶକରେ ଯେତେବେଳେ ପ୍ରଥମେ ଭାରତୀୟ ମାନେ ଆମେରିକାରେ ପାଦଦେଲେ ସେତେବେଳେ ସେମାନେ ନିଜକୁ ନିଜ ରୋଜଗାର ତଥା ସମସ୍ତଙ୍କ ଠାରୁ ଖାପଛଡା ହୋଇ ରହୁଥିଲେ। ମାତ୍ର ବ ର୍ତମାନ ଭାରତୀୟ ମାନଙ୍କର ନୂତନ ପିଢୀ ବିଭିନ୍ନ ବୈଷୟିକ, ବିଜ୍ଞାନ, ଆଇନ, ଯନ୍ତ୍ରୀ, କମ୍ପ୍ୟୁଟର କୁଶଳୀ ଭାବରେ ଆମେରିକାରେ ସେମାନଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି ଏବଂ ସେମାନଙ୍କର ମହତ୍ୱାକାଂକ୍ଷାର ପରିଚୟ ଓ ପାରଦର୍ଶିତା ଦେଖାଇଛନ୍ତି। ଅନ୍ୟ ଆରବୀୟଙ୍କ ତୁଳନାରେ କେବଳ ମୂଳ ଭାରତୀୟଙ୍କ ଆୟ ଓ ଶିକ୍ଷାଗତ ଯୋଗ୍ୟତା ଅଧିକ ହେବାର ଜଣାଯାଇଛି। ସେମାନେ ବ ର୍ତମାନ ଆମେରିକାର ରାଷ୍ଟ୍ରୀୟ ନୀତିକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ନିକି ହେଲୀଙ୍କ ମୂଳନାମ ନମ୍ରତା ରନ୍ଧାୱା। ସେ ଦକ୍ଷୀଣ କେରୋଲିନାରେ ଏକ ଶିଖ୍ ପଞ୍ଜାବୀ ପରିବାରରେ ଜନ୍ମଲାଭ କରିଥିଲେ। ତାଙ୍କର ମାତା ପିତା ୧୯୬୦ ରେ ଆମେରିକା ଚାଲି ଆସିଥିଲେ। ଏହା ପୂର୍ବରୁ ହେଲି କୈରୋଲିନା ର ଗଭର୍ଣ୍ଣର ପଦରେ ରହି ସାରିଥିଲେ। ସେ ମଧ୍ୟ ୟୁ ଏନ ରେ ଆମେରିକାର ରାଜଦୂତ ଭାବେ ମଧ ଉପସ୍ଥାପିତ ହୋଇଥିଲେ। ସେ ସଦ୍ୟ ଘୋଷଣା କରିଛନ୍ତି ରି ପବ୍ଲିକାନ ଦଳ ପକ୍ଷରୁ ରାଷ୍ଟ୍ରପତି ପଦପାଇଁ ପ୍ରାଇମରିଜ ରେ ନିର୍ବାଚନ ଲଢିବେ। ଡୋନାଲ୍ଡ ଟ୍ରମ୍ପ ମଧ ଏହି ଆସନ ପାଇଁ ମନ ବଳାଇଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ମୁକାବେଲା ନିକିହେଲୀ ଙ୍କ ସହ ହେବ। ହେଲିଙ୍କର ଆଉଜଣେ ପ୍ରତିଦ୍ୱନ୍ଦୀ ମୂଳ ଭାରତୀୟ ବିବେକ ରାମସ୍ୱାମୀ ଙ୍କ ସହିତ ହେବାକୁ ଯାଉଛି। ରିପବ୍ଲିକାନ ପାର୍ଟିର ଦକ୍ଷୀଣପନ୍ଥୀ ମତିଗତିକୁ ଦେଖିଲେ ଦୁଇଜଣ କିଛି ପ୍ରଭୃତ୍ୱ ବିସ୍ତାର କଲାଭଳି ଲାଗୁଛି। ହେଲି ତାଙ୍କର ଏକ ମନ୍ତବ୍ୟ ' ନିୟୁୟୋର୍କ ଟାଇମସ୍' କୁ ଦେଇ କହିଛନ୍ତି ଯେ ସେ ତମାମ ବିଦେଶୀ ଦେଶମାନଙ୍କୁ ପଇସାକର ମଧ୍ୟ ସାହାଯ୍ୟ ଦେବେନି, ଯେଉଁମାନେ ତାଙ୍କୁ ପସନ୍ଦ କରନ୍ତିନି। ପ୍ରତ୍ୟେକ କ୍ଷେତ୍ରରେ ମଜବୁତ ଥିବା ଆମେରିକା ଖରାପ ଲୋକଙ୍କୁ ସାହାଯ୍ୟ କରେନି। ଦୃଢମନା ଆମେରିକା ତା ର ମେହନତୀ ଲୋକଙ୍କର ଆୟକୁ କେଉଁହେଲେ ବରବାଦ କରିବାକୁ ଦେବନି। ସେ କେବଳ ସେଇ ନେତା ମାନଙ୍କୁ ବିଶ୍ୱାସ କରନ୍ତି ଯେଉଁମାନେ ତାଙ୍କ ସାହିତ ମିତ୍ରର ଭୂମିକା ଲିଭାଇଥାନ୍ତି। ସେମାନଙ୍କୁ ମୋ କଥାଶୁଣି ନିଶ୍ଚିତ ପକ୍ଷେ ଧକ୍କା ଲାଗୁଥିବ। ଆଜିବି ଆମେରିକା ତାର ବିରୋଧି ଦେଶକୁ ଆର୍ଥିକ ସହାୟତା କରୁଥିଲା। ଯଦି ମୁଁ ଆମେରିକାର ରାଷ୍ଟ୍ରପତି ହୁଏ ତେବେ ଏ ପ୍ରକାର ପ୍ରକ୍ରିୟାକୁ ବନ୍ଦ କରିବି। ଇଜରାଏଲ ଓ ୟୁକ୍ରେନ ଭଳି ମିତ୍ର ଦେଶକୁ ସାହାଯ୍ୟ କରିବା ବୁଦ୍ଧିମ ।ର ପରିଚୟ। ମାତ୍ର ୟୁକ୍ରେନରେ ଥିବା ଆମର ଶତ୍ରୁ ମାନଙ୍କୁ ଟେକ୍ସ, ଡଲାର ପଠାଇବା କେଉଁ ବୁଦ୍ଧିମାନର କାମ ବୋଲି ସେ ପ୍ରଶ୍ନ କରିଛନ୍ତି। ହେଲ୍ଲି ପାକିସ୍ତାନ ଓ ଚୀନ କୁ ନିଜର ଶରବ୍ୟକୁ ନେଇ କହିଥିଲେ ଏ ଦୁଇଦେଶ ଆମେରିକାର ସାହାଯ୍ୟ ପାଇବାକୁ ଯୋଗ୍ୟ ନୁହଁନ୍ତି। ବିବେକ ରାମସ୍ୱାମୀ ମଧ ନିଜର ଘୋଷଣାପତ୍ରରେ କହିଛନ୍ତି ସେ ନ୍ୟାସନାଲ ଏଜେଣ୍ଡାରେ ମେରିଟ କୁ ଫେରାଇବେ ଓ ଚୀନ ଉତ୍ପାଦନକୁ ଆମେରୀକାର ନିର୍ଭରତାକୁ ପୂର୍ଣ୍ଣଛେଦ ଦେବେ। ରାମସ୍ୱାମୀ ଙ୍କ ମାତା,ପିତା କେରଳରୁ ଆମେରିକା ଆସିଥିଲେ। ସେ ୩୭ ବର୍ଷୀୟ ବ୍ୟବସାୟୀ ଯେକି ଏକ ଏସେଟ୍ ମ୍ୟାନେଜମେଣ୍ଟ ଚଳାଉଛନ୍ତି। ତାଙ୍କର ଜନ୍ମ ଓହାୟୋ ରେ ହୋଇଥିଲା ଏବଂ ସେ ହାଭାର୍ଡ ଓ ୟେଲ୍ ରୁ ଶିକ୍ଷା ଲାଭ କରିଥିଲେ। ଆମେରିକା ଆଜି ମଧ ଇଶାୟୀ ସମ୍ପ୍ରଦାୟର ଏକ ପ୍ରଭୁତ୍ୱ ବିସ୍ତାର ଦେଶ ଅଟେ। ଏବଂ ବ ର୍ତମାନର ଭାରତୀୟ ବଂଶୋଦ୍ଭବ ମାନଙ୍କର ପ୍ରଭୁତ୍ୱ ବିସ୍ତାର ପ୍ରକୃତରେ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ବାଁବୀ ଜିନ୍ଦଲ ଭାରତୀୟ ଭାବେ ସେ ଲୁଇଜିୟାନର ଗଭର୍ଣ୍ଣର ରହି ସାରିଛନ୍ତି।

ବ ର୍ତମାନ ଭାରତୀୟ ମାନେ ଆମେରିକାରେ ରାଜନୀତି ସାଙ୍ଗକୁ ସାଂସ୍କୃତିକ, ଧାର୍ମିକ ସ୍ଥାପନା କରି ଆଗାମୀ ପିଢୀ ଙ୍କ ପାଇଁ ପଥ ଉନ୍ମୁକ୍ତ କରିବାକୁ ପ୍ରଚେଷ୍ଟା କରୁଛନ୍ତି। ବ ର୍ତମାନ ଆମେରିକାରେ ହିନ୍ଦୁ ସମୁଦାୟ ୧୫.୭ ବର୍ଷର ପଢୁଥିବା ସବୁଠାରୁ ଶିକ୍ଷୀତ, ତା ପରକୁ ୧୪.୭ ବର୍ଷ ମଧ୍ୟରେ ସବୁଠାରୁ ଶୀକ୍ଷୀତ ଇହୁଦୀ ଏବଂ ପରେ ଆମେରିକା ୧୨.୯ ବର୍ଷ ମଧ୍ୟରେ ପଢୁଥିବା ଶିକ୍ଷିତ ଅଛନ୍ତି। ୨୦୦୭ ରେ ଆମେରିକା ଜନସଂଖ୍ୟାର ୦.୪% ହିନ୍ଦୁ ଥିଲେ। ଆଜି ତାହା ୦.୭% ରେପହଞ୍ଚିଛି। ଧାର୍ମିକ ସର୍ଭେକ୍ଷଣ ଅନୁସାରେ ଇସାଇୟୋ, ମୁସଲମାନଙ୍କ ପଛକୁ ସବୁଠୁ ବଡଧାର୍ମିକ ହିନ୍ଦୁଧର୍ମ ଓ ହିନ୍ଦୁ ସଂସ୍କୃତି ପ୍ରତି ବଢୁଥିବା ମତକୁ ଦେଖି ଆମେରିକାର ଅନେକ ସ୍କୁଲରେ ଯୋଗ,ତଥା ଧର୍ମ ସମ୍ବନ୍ଧୀୟ ଶିକ୍ଷା ଦିଆଯାଉଛି। ଆମେରିକାର ୩୧ ଇସ୍କନ ମନ୍ଦିର ସ୍କୁଲରେ ହାରା ହାରି ୨୦ ହଜାର ଶିଶୁ ପ୍ରତି ସପ୍ତାହରେ ଯୋଗ ଦେଉଛନ୍ତି। ଆମପାଇଁ ଗର୍ବ ଓ ଗୌରବର ବିଷୟ ଆମେରିକାର ୪୮ ପ୍ରତିଶତ ହିନ୍ଦୁ ଧର୍ମ ସଂସ୍ଥାମାନେ ନିୟମିତ ରୁପେ ଚାନ୍ଦା ପ୍ରଦାନ କରିଥାନ୍ତି। ପିୟୁ ରିସର୍ଚ୍ଚ ସେଂଟର ରିପୋର୍ଟ ଅନୁସାରେ ଧାର୍ମିକ ସଂସ୍ଥାମାନଙ୍କୁ ଚାନ୍ଦାପ୍ରଦାନ କରିବାରେ ପ୍ରବାସୀ ଭାରତୀୟ ସବୁଠାରୁ ଆଗରେ। ହିନ୍ଦୁ-ଆମେରୀକାନ ଫାଉଣ୍ଡେସନ ରିପୋର୍ଟ ଅନୁସାରେ ହିନ୍ଦୁ ଆମେରିକ ଦୃତଗତିରେ ରାଜନୈତିକ କ୍ଷେତ୍ରରେ ସକ୍ରିୟ ହେବାରେ ଲାଗିଛି। ଆମେରୀକାରେ ମଧ ହିନ୍ଦୁ ମାନଙ୍କର ଆଦର୍ଶକୁ ଅନୁକରଣ କରି ଯୋଗ,ଧ୍ୟାନ ର ଲୋକପ୍ରିୟତା ବୃଦ୍ଧି ହେବାରେ ଲାଗିଛି ଯାହା ଭାରତୀୟ ଙ୍କ ପାଇଁ ଗୌରବର ବିଷୟ।

ଖୋର୍ଦ୍ଧା,
ସମ୍ପାଦକ ମାର୍ଗଦର୍ଶୀ
ମୋ:୬୩୭୦୬ ୭୫୫୬୨

# ଆମ୍ବେଦକର ଜୟନ୍ତୀ ମହା ସମାରୋହରେ ପାଳିତ ହେବ

ବଲାଙ୍ଗୀର,(ପି.ଏନ): ବଲାଙ୍ଗୀର ଜିଲ୍ଲା ଦଳିତ ସମାଜ ତରଫରୁ ଚଳିତ ବର୍ଷ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି । ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗେଟସୋରବର ପଡାସ୍ଥିତ ଆମ୍ବେଦକର କ୍ଲବ ଠାରେ ଏକ ପ୍ରସ୍ତୁତ ବୈଠକ ଗଣ୍ଡାବଜର ପତ୍ରିକାର ସଂପାଦକ ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଥିଲା । ପ୍ରାରମ୍ଭରେ ସର୍ବସମ୍ମତ କ୍ରମେ ଚଳିତ ବର୍ଷ ଜୟନ୍ତୀ ପାଳନ ପାଇଁ କମିଟିର ସଭାପତି ଭାବେ କୁନା ବାଗଙ୍କୁ ମନୋନୀତ କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଭୂବନ ନାଗ ଓ ସହ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟମଣୀ ସୁନାଙ୍କୁ ମନୋନୀତ କରାଯାଇଥିଲା। ଏହା ସହିତ ଏକ ୨୦ ଜଣିଆ କୋର କମିଟି ଗଠନ କରାଯାଇଛି। କମିଟିର ସଭ୍ୟ ଭାବରେ ବାସୁଦେବ ମୁଗ୍ରୀ, ଶମ୍ଭୁ ନାଗ, ବିଜୟ ଚନ୍ଦ୍ର ବାରିକ, ଦିନେଶ ନାଗ, ଲୋକନାଥ ସୁନା, ତ୍ରିଲୋଚନ ନନ୍ଦ, ଅର୍ଜୁନ ମୁଗ୍ରୀ, କିଶୋର କୁମ୍ଭାର, ଦେବରାଜ ମହାନନ୍ଦ, ତରଣୀସେନ ଦୀପ, ନଳୀନି ଦୀପ, ଦ୍ରୋଣ କୁମ୍ଭାର , କଳ୍ପନା ବିହାରୀ , ଲଳିତା ଦୀପ, ରୂପାଳୀ ମହାନନ୍ଦ, ରଘୁନାଥ ମୁଗ୍ରୀ , ପବିତ୍ର ନାଗ, ଅମିନ୍ଦ୍ର ମେହେର ଓ ସୁଜୀତ ଦୀପଙ୍କୁ ମନୋନୀତ କରାଯାଇଛି। ଜୟନ୍ତୀ ଦିନ ୫ ହଜାର ଲୋକଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଶୋଭାଯାତ୍ରାରେ ଗଣ୍ଡାବଜା, ଆଦିବାସୀ ନୃତ୍ୟ ଡକା ଓ ଡିଜେ ସହିତ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଭାବ ନେବେ ବୋଲି ସୂଚନା ଦିଆଯାଇଛି। ଶୋଭାଯାତ୍ରା ସମୟରେ ସହରରେ ମିଷ୍ଟାନ ବଂଟନ କରାଯିବ ବୋଲି ବରିଷ୍ଠ ସଦସ୍ୟ ଶମ୍ଭୁ ନାଗ କହିଛନ୍ତି ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି।


ଜାପାନରେ ଅବସ୍ଥାପିତ ଭାରତୀୟ ରାଜଦୂତ ସିବି ଜର୍ଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୋକିଓଠାରେ ସ୍ୱାଗତ କରୁଛନ୍ତି

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି।

ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ରଙ୍କକ୍ଟ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରୀୟଉ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ବଲାଙ୍ଗୀର ଗାୟତ୍ରୀ ପରିବାର ଜିଲ୍ଲା ସମନ୍ୱୟ ବୈଠକ

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ଗାୟତ୍ରୀ ଶକ୍ତି ପୀଠ ଠାରେ ଆଜି ରବିବାର ଦିନ ସକାଳ ୧୧ ଘଂଟା ସମୟରେ ଜିଲ୍ଲା ନୂତନ କାର୍ଯ୍ୟକ୍ରମ ବିଷୟରେ ସମନ୍ୱୟ ସମିତିର ପ୍ରଥମ ବୈଠକ ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଚି ଓ ଏଥିରେ ୧୪ ଗୋଟି ବ୍ଲକର କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରଯାଇଥିଲା ତା ସହିତ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ବିଷୟରେ ଆଲୋଚନା କରାଯାଇ ଏହି ବର୍ଷ ଅନ୍ୟୁନ ଦଶ ହଜାର ଛାତ୍ରଛାତ୍ରୀଙ୍କୁ ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପରୀକ୍ଷାରେ ସାମିଲ କରିବାକୁ ସଂକଳ୍ପ ନିଆଯାଇଥିଲା ଓ କୃସୁଡ଼ରେ ଏକ ପ୍ରଜ୍ଞାପୀଠରେ ସ୍ଥାପନ ପାଇଁ ଭାଇ ଟିକେ ରାମ ସାହୁ ୧୦ ଡିସିମିଲ ଭୂମି ଦାନ କରିଥିବାରୁ ତାଙ୍କୁ ତିଳକ କରାଯାଇଥିଲା।




# କେନ୍ଦୁଝର ଡେଲି ମାର୍କେଟ୍‌ରେ ଭୟାବହ ଅଗ୍ନିକାଣ୍ଡରେ ୬୯ଟି ଦୋକାନ ଘର ଜଳିଗଲା, କୋଟିଏ ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ



କେନ୍ଦୁଝର,(ପି.ଏନ): କେନ୍ଦୁଝର ରାସ ମନ୍ଦିର ବଜାର ରେ ଆଜି ଭୋର ସମୟରେ ଅଗ୍ନିକାଣ୍ଡ ଘଟି ନିଆଁ ଲାଗିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ସଟସର୍କିଟ ନିଆଁ ଲାଗିଥିବା ଅଶଙ୍କା କରାଯାଉଛି। ଏହି ଅଗ୍ନକାଣ୍ଡରେ ୬୯ଟି ଖୁଚୁରା ଦୋକାନ ଜଳି ଯାଇଥିବାବେଳେ ବ୍ୟାପକ ସାମଗ୍ରୀ ପୋଡିଯାଇଛି। ନିଆଁର ପ୍ରଭାବ ଅଧିକ ହୋଇଥିବାରୁ କେନ୍ଦୁଝର ର ଦୁଇଟି ଅଗ୍ନିଶମ ଗାଡି ଆୟତ୍ତ କରି ନ ପାରିବାରୁ ବାଂଶାପାଳ,ପାଟଣା,ଝୁମ୍ପୁରା ଦମକଳ କେନ୍ଦ୍ର ତଥା ଏମ୍‌ଏସ୍‌ପି କାରଖାନାର ଦମକଳ ଗାଡି ନିୟୋଜିକ କରାଯାଇଥିଲା। ଖବର ଶହ ଶହ ସଂଖ୍ୟାରେ ଲୋକ ସେଠାରେ ପହଁଚି ଥିଲେ। ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ସୁନିଲ କର,ସବଇନ୍ସପେକ୍ଟର ସୁନିଲ କୁମାର ନନ୍ଦ ଙ୍କ ସମତେ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ନିଆଁ ଲିଭାଇବା କାମରେ ଲାଗିଥିଲେ। ନିଆଁ ଲିଭାଇବା ପାଇଁ ସାଧାରଣ ଲୋକଙ୍କ ଉପଯୋଗୀ ପାଣି ଟ୍ୟାଙ୍କର ଅଣାଯାଇ ନିଆଁ ଲିଭାଯାଇଥିଲା। ଦୀର୍ଘ ପ୍ରାୟ ୪ ଘଣ୍ଟା ଧରି ନିଆଁ ଲିଭାଇବା ଚାଲିଥିଲା। ବିଶେଷ କରି ଲୋକଙ୍କ ଲୁଗା,ମସଲା, ବାସନ, ଝାଡୁ, ଟେଲର, ଗ୍ରୋସରୀ ସାମଗ୍ରୀ,ଷ୍ଟିଲ ବାସନକୁସନ ଆଦି ପୋଡି ପାଉଁଶ ହୋଇଯାଇଛି। ଫଳରେ ଗରିବ କ୍ଷୁଦ୍ର ବ୍ୟବସାୟୀମାନେ ସ୍ୱର୍ବଶାନ୍ତ ହୋଇଯାଇଛନ୍ତି। ନିଆଁ ଲାଗିବାର ୩୦ ମିନିଟ ପରେ ସକାଳ ୫ଟା ୨୫ ସମୟରେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଦମକଳବାହିନୀ କର୍ମଚାରୀମାନେ ପହଁଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଥିଲେ। କେନ୍ଦୁଝର ଦମକଳ କେନ୍ଦ୍ରର ଷ୍ଟେସନ ଅଫିସର ମନରଂଜନ ମହାନ୍ତଙ୍କ ନେତୃତ୍ୱରେ ପାଖାପାଖି ୩୫ଜଣ କର୍ମଚାରୀ ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ନିଆଁ ଲିଭା କାମରେ ୬ଟି ଦମକଳ ଗାଡିରେ ୧ ଟ୍ରିପ ପାଣି ବୁହାହୋଇ ନିଆଁ ଲିଭା ଯାଇଥିଲା। ଖବର ପାଇ ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ,କେନ୍ଦୁଝରଗଡ ପୌରାଧ୍ୟକ୍ଷା ନିକୁ ସାହୁ,ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ,ବିଜେଡି ସଭାପତି ମାଧବ ସର୍ଦ୍ଦାର,ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର,ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ସମେତ ରାଜନୈତିକ ଦଳର ନେତାମାନେ ପହଁଚି ବ୍ୟବସାୟୀମାନଙ୍କୁ ସମ୍ବେଦନ ଜଣାଇଥିଲେ। ସେହପରି ଜିଲ୍ଲାପାଳ ଆଶିଷ ଠାକ୍‌ରେ,ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ,ପୌରପାଳିକା ନିର୍ବାହୀ ଅଧିକାରୀ ଧିମନ ଚକମା,ତହସିଲଦାର ଆଶିଷ ମହାପାତ୍ର ସମେତ ବହୁ ପଦାଧିକାରୀ ଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ଆଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ଏକ ୫ଜଣିଆ ଟିମ ଯାଇ ଆକଳନ କରି ରିପୋର୍ଟ ପ୍ରଦାନ କରିଛନ୍ତି। ରାସ ପୂଜା କମିଟିର ସମ୍ପାଦକ ହରିଶ ଚନ୍ଦ୍ର ଦାସ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ ଏବଂ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସହ ଆଲୋଚନା କରି କ୍ଷତିଗ୍ରସ୍ତ ବ୍ୟବସାୟୀକଙ୍କୁ ଆଇନ ମୁତାବକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, କେନ୍ଦୁଝର ରାସ ମାର୍କେଟ ଦୀର୍ଘ ବହୁ ବର୍ଷ ଧରି ଚାଲି ଆସୁଥିଲେ ହେଁ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଆଲୋଚନା ହେଉଛି। ଫଳରେ ବହୁ ବଡ ଅଘଟଣରୁ ବର୍ତ୍ତି ଯାଇଥିଲେ ହେଁ ଏହାଦ୍ୱାରା ପ୍ରଶାସନ ବହୁ କିଛି ଶିଖିବାକୁ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଏହି ବଜାରରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିବାବେଳେ ଏହାର ପ୍ରତିକାର ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବଜାରକୁ ଯିବା ଆସିବା ପାଇଁ ସୁଗମ ରାସ୍ତା ନଥିବାବେଳେ ଅଘଟଣ ଘଟିଲେ ଲୋକ ବହୁ ଧନଜୀବନ ଆଶଙ୍କା ରହିଛି। କେବଳ ଏହି ବଜାର ନୁହେଁ କେନ୍ଦୁଝର ସହରର ବଡ ବଡ ବ୍ୟବସାୟିକ ଅଟ୍ଟାଳିକା ଫାୟାର ସେଫଟି ଲାଇସେନ୍ସ ନଥାଇ ଚାଲିଥିବାରୁ ଭବିଷ୍ୟତରେ ଭୟାବହ ଦୁର୍ଘଟଣାକୁ ଏଡାଇ ନ ଦିଆଯାଇପାରେ।

## କାଳବୈଶାଖୀ ଯୋଗୁଁ ପଦ୍ମଗିରିର ଫାଇଭ-ଟି ବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି

ମାଲକାନଗିରି, (ପି.ଏନ): କାଳବୈଶାଖୀ ଝଡ଼ତୋଫାନ ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି ସ୍ଥିତ ଫାଇଭ-ଟି ଅଧୀନ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ଟିଣଗୁଡିକ ଉଡାଇ ନେଇଛି। ବିଦ୍ୟାଳୟ ପରିସରରେ ଗଛଗୁଡିକ ଭାଙ୍ଗି ପଡିଥିବା ବେଳେ ବହୁ କ୍ଷୟକ୍ଷତି ହୋଇଥିବା ଜଣାପଡିଛି।ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ କାଲବେ?ଶାଖୀ ବର୍ଷା ସହ ଦ୍ରୁତ ଗତିରେ ପବନ ବହିଥିଲା। ଯାହାଫଳରେ ବିଦ୍ୟାଳୟରେ ଥିବା ୧୦ରୁ ଅଧିକ ଗଛ ଭାଙ୍ଗି ପଡିଥିଲା। ଏଥିସହ ପିଲାମାନେ ରହୁଥିବା ୪ଟି ହଷ୍ଟେଲ ଗୃହର ଟିଣକୁ ପବନ ଉଡାଇ ନେଇଥିଲା। ସମ୍ପୂର୍ଣ୍ଣ ଟିଣ ଉଡାଇ ନେଇଥିବା ବେଳେ ବର୍ଷା ପାଣି ଘର ଭିତରେ ପଶି ଯାଇଥିଲା। ଟିଣ ଉଡିବା ଓ ଗଛ ପଡିବାର ଦେଖି ବିଦ୍ୟାଳୟର ପିଲାମାନଙ୍କୁ ଛାତ ଘରକୁ ନିଆଯାଇଥିଲା। ପିଲାମାନେ ସୁରକ୍ଷିତ ଭାବେ ରହିଥିବା ବେଳେ ଘରେ ଥିବା ସମସ୍ତ ସାମଗ୍ରୀ ଓଦା ହୋଇଯାଇଥିଲା। ପିଲାଙ୍କ ଶୋଇବା ଶେଜ ସହ ବହି, ଖାତା, ପୋଷାକ ଓ ବ୍ୟବହାର ସାମଗ୍ରୀ ଓଦା ହୋଇ ନଷ୍ଟ ହୋଇଯାଇଛି। ବିଦ୍ୟାଳୟରେ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଥିବା ବେଳେ ଇନଭର୍ଟର ବ୍ୟବସ୍ଥା କରାଯାଇଛି। ବର୍ଷା ଛାଡିବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସେମାନେ ସେଠାରେ ପହଂଚି ଭାଙ୍ଗି ପଡିଥିବା ଗଛ ଡାଳ ଗୁଡିକୁ ସଫା କରିଛନ୍ତି। ସେହି ୪ଟି କୋଠରୀରେ ପାଖାପାଖି ୧୦୦ ପିଲା ରହୁଥିବା ବେଳେ ସେମାନଙ୍କୁ ଛାତ ଘରେ ନେଇ ରଖାଯାଇଛି। ପ୍ରକାଶଥାଉକି, ଏହି ବିଦ୍ୟାଳୟକୁ ଫାଇଭ-ଟି ଅନ୍ତର୍ଭୁକ୍ତ କରାଯାଇ ସ୍ମାର୍ଟ କ୍ଲାସରୁମ ଓ ଲାଇବ୍ରେରୀ ଆଦି ନିର୍ମାଣ କରାଯାଇଥିଲା। ସେହି ସମୟରେ ହଷ୍ଟେଲ ଗୃହଗୁଡିକ ମଧ୍ୟ ମରାମତି କରାଯାଇଥିଲା।ସେହିପରି କାଳବୈଶାଖୀ ଯୋଗୁଁ ପଦ୍ମଗିରି ପଂଚାୟତରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଘରର ଚାଳ ଛପର ଉଡି ଯାଇଥିବା ଜଣାପଡିଛି।

# କେନ୍ଦୁଝର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



କେନ୍ଦୁଝର:(ପି.ଏନ): ତା-୦୩/୦୪/୨୦୨୩ ରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୨୧୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୩୧ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୮୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ ଏବଂ କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା । ଏହି ଶିବିରରେ ୫ ଜଣ ହିତାଧିକାରୀଙ୍କୁ ମୋଟରାଇଜଡ୍ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ରାଜ୍ୟ ସ୍ତରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କରୁଣାକର ମଲ୍ଲିକ ପବିତ୍ର ଉତ୍କଳ ଦିବସରେ ରାଜ୍ୟ ପୁରସ୍କାର ପାଇଲା ପରେ ତାଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ ।ବିଶେଷ କରି ତାର୍ଲାକୋଟା ବିଦ୍ୟାଳୟ ଏବେ ଉତ୍ସବମୁଖର ହୋଇ ଉଠିଛି। ଏହି ଖବର ପାଇବା ପରେ ବିଦ୍ୟାଳୟ ପୁରାତନ ଛାତ୍ର, ବିଦ୍ୟାଳୟ କମିଟି ଓ ଅଂଚଳବାସୀ ତାଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସୁକତାର ସହ ଦଳପତିଗୁଡା ସିଦ୍ଧେଶ୍ୱରପୁର ମନ୍ଦିର ନିକଟରେ ଶହ ଶହ ସଂଖ୍ୟାରେ ଅପେକ୍ଷା କରିଥିଲେ। ସେଠାରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶ୍ରୀ ମଲିକଙ୍କୁ ପୁଷ୍ପଗୁଚ୍ଛ ଦେଇ ବାଦ୍ୟ, ନୃତ୍ୟ ଓ ସ୍ଲୋଗାନ ଦେଇ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିବା ବେଳେ ସେଠାରୁ ତାର୍ଲାକୋଟା ଗାଁ ମୁଣ୍ଡରେ ଗ୍ରାମର ଆବାଳବୃଦ୍ଧବନିତା ପୁଷ୍ପମାଲ୍ୟ, ଚନ୍ଦନ, ଫୁଲ ଓ ଅରୁଆ ଚାଉଳ ପକାଇ ବନ୍ଦାପନା କରି ସ୍ୱାଗତ କରିବା ସହିତ ବିଦ୍ୟାଳୟ ଫାଟକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପୂର୍ବରୁ ପ୍ରସ୍ତୁତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ ଆମର ଗୌରବ -ମଲିକ ସାର୍, ଆଦର୍ଶ ଶିକ୍ଷକ- ମଲିକ ସାର୍ ନାରାବାଜି ଦେଇ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବୁଲାଇ ମଂଚ ଉପରକୁ ନେଇଥିଲେ। ସେଠାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶିକ୍ଷାପ୍ରେମୀ ମଣିଶଙ୍କର ମଜୁମଦାର, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ବିଦ୍ୟାଳୟ କମିଟି ସଭାପତି ସୋମନାଥ ବାର୍ସେ, ଚିତ୍ରକୋଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ତାର୍ଲାକୋଟା ସରପଂଚ ସନାରି ଖିଲ ପ୍ରମୁଖ ଶ୍ରୀ ମଲିକଙ୍କର ବିଦ୍ୟାଳୟ ତଥା ସେ ଅଂଚଳ ପ୍ରତି ଥିବା ନିଃସ୍ୱାର୍ଥ ତ୍ୟାଗ, ସେବା ମନୋଭାବ, ମଣିଷକୁ ଭଲ ପାଇବା ଗୁଣ ବଖାଣି ଥିଲେ। ସମସ୍ତଙ୍କ ତରଫରୁ ସାଲ୍, ଡାଏରୀ ଓ କଲମ ଉପହାର ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଳବେଡା ଗ୍ରାମ ମଝିସାହି ରାସ୍ତାର ଅବସ୍ଥା ବେହାଲ

ପଣ୍ଡାପଡା,(ପି.ଏନ):ପଶ୍ଚିମା ଝଡ ପ୍ରଭାବରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ପଂଚାୟତର ଶାଳବେଡା ଗ୍ରାମ ମଝିସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏପରି ଅବସ୍ଥା ହୋଇଛି ଯେ ଉକ୍ତ ରାସ୍ତା ଦେଇ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏପରିକି ବୃଦ୍ଧ ବୃଦ୍ଧା ଏହି ରାସ୍ତାର ଅବସ୍ଥା ଦେଖି ଘରୁ ପଦାକୁ ବାହାରୁ ନାହାଁନ୍ତି । ଗ୍ରାମର ଉନ୍ନତି କରଣ ପାଇଁ ସରକାରଙ୍କ ମାଳ ମାଳ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯୋଜନା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି କାଗଜ କଲମରେ ରହିଯାଉଛି । ଏହାର ତଦାରଖ କରିବାକୁ କାହାରି ପାଖରେ ସମୟ ନାହିଁ । ଖରାଦିନ ଅଦିନିଆ ବର୍ଷାରେ ଏହି ସାହି ରାସ୍ତାର ଅବସ୍ଥା ଏପରି ହୋଇଛି ଆଗକୁ ବର୍ଷା ଋତୁ ଆସିଲେ ଏହାର ଅବସ୍ଥା କଣ ହେବ ତାହା ଭଗବାନଙ୍କୁ ଜଣା ବୋଲି ସାହି ବାସିନ୍ଦା ପ୍ରକାଶ କରିଛନ୍ତି । ଏଥିପାଇଁ ସାହି ବାସିନ୍ଦାଙ୍କ ଅସନ୍ତୋଷ ବୃଦ୍ଧି ପାଇଛି । ଯଥାଶୀଘ୍ର ଏହି ରାସ୍ତା ନିର୍ମାଣ କରିବାକୁ ସାହିବାସନ୍ଦା ଦାବି କରିଛନ୍ତି ।

# ଢେଙ୍କିକୋଟ ଠାରେ ଘଟଗାଁ ବ୍ଲକ ବିକାଶ ପରିଷଦର ଜରୁରୀ କାଳୀନ ବୈଠକ



ଢେଙ୍କିକୋଟ:(ପି.ଏନ):ଢେଙ୍କିକୋଟ କଲେଜ ନିକଟବର୍ତ୍ତି ହାଟ ପଡିଆ ଠାରେ ଆଜି ଘଟଗାଁ ବ୍ଲକ ବିକାଶ ପରିଷଦ ତରଫରୁ ପରିଷଦ ସଭାପତି ସେକ୍ ମୋବିନଙ୍କ ଆବାହକତ୍ୱରେ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ମୁଖ୍ୟ ଆଭିମୁଖ୍ୟ ଥିଲା ଆନନ୍ଦପୁର ଅଂଚଳର ଲୋକମାନେ କେନ୍ଦୁଝର ଜିଲ୍ଲାର କିଛି ବ୍ଲକକୁ ନେଇ ଆନନ୍ଦପୁରକୁ ଏକ ଜିଲ୍ଲା କରିବାକୁ ବହୁଦିନରୁ ଦାବି କରି ଆସୁଛନ୍ତି ଏବଂ ଏହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି । ତେବେ ଆନନ୍ଦପୁର ଜିଲ୍ଲା ହେଉ ଏବଂ ଲୋକମାନେ ଉପକୃତ ପାଆନ୍ତୁ କିନ୍ତୁ ଆମେ ଘଟଗାଁ ବ୍ଲକର ଲୋକମାନେ କେବେ ଆନନ୍ଦପୁର ଜିଲ୍ଲାରେ ମିଶି ପାରିବୁ ନାହିଁ, ଆମେ କେନ୍ଦୁଝରିଆ ହୋଇ ରହିବୁ । ତତ୍ ସହିତ ଘଟଗାଁରେ ପୂଜା ପାଉଥିବା ବିଶ୍ୱ ପ୍ରସିଦ୍ଧ ମା'ତାରିଣୀକୁ ନେଇ କେନ୍ଦୁଝର ଜିଲ୍ଲା ଗର୍ବ କରେ । କେନ୍ଦୁଝର ଜିଲ୍ଲା କହିଲେ ମା'ତାରିଣୀ, ବୈତରଣୀ ଓ ଖଣିକୁ ବୁଝାଏ । ମାଆ କେବେ ପଛକୁ ଫେରିବେ ନାହିଁ । ଆମେ ଘଟଗାଁ ବ୍ଲକର ଲୋକମାନେ କେନ୍ଦୁଝର ଜିଲ୍ଲାର ଲୋକ । ଆମକୁ କେହି ଅଲଗା କରିପାରିବେ ନାହିଁ । ଦରକାର ହେଲେ ଘଟଗାଁକୁ ଏକ ସବ୍‌ଡିଭିଜନ କରିବାକୁ ଆମେ ଦାବି କରିବୁ ବୋଲି ଶତାଧିକ ଲୋକ ମତ ପ୍ରକାଶ କରିଥିଲେ । ଏହି ବୈଠକରେ ୮ନଂ ଜୋନ୍ ଜିଲ୍ଲାପରିଷଦ ରଂଜିତ ନାକେ, କମିଟିର ସମ୍ପାଦକ ସଂଜୟ କୁମାର ମିଶ୍ର, ରମାକାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ, ବାସୁଦେବ ସାହୁ, ହେମନ୍ତ ରଣା, ଲୋକପ୍ରତିନିଧି ମମତା ସିଂ, କଳ୍ପନା ନାଏକ, ସୁମନ୍ତ ସାହୁ, ଅମର ସିଂ, ବଣିକ ସଂଘ ସଭାପତି ରାଜ କିଶୋର ସାହୁ ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ । ସଭିଏଁ ଶପଥପାଠ କରିଥିଲେ କି ଆମେ କେବେ ବି ଅନ୍ୟ ଜିଲ୍ଲାରେ ମିଶିବା ନାହିଁ। ଆମେ କେନ୍ଦଝରିଆ ଓ ମା' ତାରିଣୀ କେନ୍ଦୁଝର ଜିଲ୍ଲାର । ଶେଷରେ ସମସ୍ତେ ଏକ ରେଜୁଲେସନ କରି ନିଜ ନିଜର ନାମ ସ୍ୱାକ୍ଷର କରିଥଲେ । ପରବର୍ତ୍ତି ସମୟରେ ଏକ ବଡ ଧରଣର ବୈଠକ ଘଟଗାଁ ମାଟିରେ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ମୃତି ଦେଇଛନ୍ତିମ ।

## ଆଦିବାସୀଙ୍କୁ ଆହାର ଯୋଗାଉଛି ମହୁଲ ଫୁଲ

ଭଗାମୁଣ୍ଡା:(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଓ ଏହାର ଆଖପାଖ ଗ୍ରାମର ଆଦିବାସୀଙ୍କ ଜୀବନ ଜୀବିକା ପାଲଟିଛି ମହୁଲ ଫୁଲ । ଖରାଦିନ ଆସିଲେ ଆଦିବାସୀ ସଂପ୍ରଦାୟର ମାଝୀ, ମୁଣ୍ଡା, ମାହାଲୀ, ମହାନ୍ତ, ଜୁଆଙ୍ଗ, ଭୂୟାଁ ପ୍ରଭୃତି ଜାତିର ଲୋକମାନେ ସକାଳୁ ସକାଳୁ ପାହାଡକୁ ଯାଇ ଗୋଟିଏ ଗୋଟିଏ କରି ମହୁଲ ଫୁଲ ସଂଗ୍ରହ କରିଥାନ୍ତି । ପରେ ଏହାକୁ ନେଇ ଖରାରେ ଶୁଖାଇ ବିକ୍ରୀ ଉପଯୋଗି ହେଲେ ୧୦ ରୁ ୨୦ଟଙ୍କା ଦରରେ ବିକ୍ରୀ କରି ପରିବାର ପ୍ରତିପୋଷ କରିଥାନ୍ତି । କେଉଁ ଆଦିମ କାଳରୁ ଆଦିବାସୀମାନେ ମହୁଲ ଫୁଲ ଉପରେ ନିର୍ଭର କରିଥିବା ବେଳେ ଏହାର ଉଚିତ୍ ମୂଲ୍ୟ ମିଳୁନଥିବା ପ୍ରକାଶ କରିଛନ୍ତି ।



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday April 05, 2023 ଭୁବନେଶ୍ୱର ବୁଧବାର, ଅପ୍ରେଲ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଏମ୍ସ ଭୁବନେଶ୍ୱରରେ ଛାତ୍ରଛାତ୍ରୀ ଏବଂ ଭର୍ତ୍ତି ହୋଇଥିବା ରୋଗୀଙ୍କ ଖାଦ୍ୟରେ ସାମିଲ ହେଲା ମାଣ୍ଡିଆ



ଭୁବନେଶ୍ୱର, (ପି.ଏନ): ଏମ୍ସ ଭୁବନେଶ୍ୱରରେ ଛାତ୍ରଛାତ୍ରୀ ଏବଂ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିବା ରୋଗୀଙ୍କ ଖାଦ୍ୟରେ ସାମିଲ ହୋଇଛି ରାଜ୍ୟର ପାରମ୍ପରିକ ତଥା ପୋଷଣଯୁକ୍ତ ଖାଦ୍ୟ ମାଣ୍ଡିଆ। ଛାତ୍ରଛାତ୍ରୀ ତଥା ଏଠାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଉତ୍ତମମାନର ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ମହତ ଉଦ୍ଦେଶ୍ୟନେଇ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମାଣ୍ଡିଆକୁ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ପବିତ୍ର ଉତ୍କଳ ଦିବସ ଏବଂ ଜି -୨୦ ଜନଭାଗିଦାରୀ ଅଭିଯାନର ଶୁଭାରମ୍ଭ ସ୍ୱରୂପ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। ରୋଗୀଙ୍କୁ ମାଣ୍ଡିଆଯୁକ୍ତ ଖାଦ୍ୟ ବଣ୍ଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ସହିତ ମିଶି ନିଜେ ମଧ୍ୟ ମଧ୍ୟାହ୍ନ ଭୋଜନ ଖାଇଥିଲେ ଡ. ବିଶ୍ୱାସ। ଏହି ଅବସରରେ ଚିକିତ୍ସାଧୀନ ରୋଗୀ ଏବଂ ଛାତ୍ରଛାତ୍ରୀ ସେମାନଙ୍କ ଖାଦ୍ୟରେ ମାଣ୍ଡିଆ(ମିଲେଟ୍ସ)କୁ ପାଇ ବେଶ୍ ଖୁସି ଥିବା ପରିଲକ୍ଷିତ ହୋଇଥିଲା। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଥିଲେ ଯେ ଛାତ୍ରଛାତ୍ରୀ ଏବଂ ରୋଗୀଙ୍କ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବା ଏକ ଆନନ୍ଦର ବିଷୟ। ଏକାଧିକ ଭିଟାମିନ୍ ଏବଂ ମିନେରାଲ୍ସରେ ପରିପୂର୍ଣ୍ଣ ମାଣ୍ଡିଆ ଖାଇବା ଦ୍ୱାରା ରୋଗୀମାନେ ଶୀଘ୍ର ଆରୋଗ୍ୟ ହୋଇପାରିବା ନେଇ ଆଶାବ୍ୟକ୍ତ କରିଥିଲେ ଡ. ବିଶ୍ୱାସ। ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ସର୍ବୋତ୍ତମ ସେବା, ଯତ୍ନ ପ୍ରଦାନ କରିବାର ପ୍ରତିଶ୍ରୁତିବଦ୍ଧତାର ଅଂଶସ୍ୱରୂପ ଏମ୍ସ ଗ୍ରହଣ କରୁଥିବା ଅନେକ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ସେହିଭଳି ଛାତ୍ରଛାତ୍ରୀମାନେ ଏହି ପାରମ୍ପରିକ ତଥା ଆମ ମାଟିର ଖାଦ୍ୟରୁ ସମୃଦ୍ଧ ପୁଷ୍ଟିକର ଏବଂ ଖଣିଜ ପଦାର୍ଥ ପାଇବେ, ଯାହା ସେମାନଙ୍କର ସାମଗ୍ରୀକ ସ୍ୱାସ୍ଥ୍ୟର ଯତ୍ନ ନେବାରେ ବେଶ୍ ସହାୟକ ହେବ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଥିଲେ। ଭାରତ ଜି-୨୦ ସମ୍ମିଳନୀର ଅଧ୍ୟକ୍ଷତାକୁ ସଫଳ ଓ ସୁଦୃଢ଼ କରିବା ନେଇ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରୁ ପ୍ରେରିତ ହୋଇ ଏମ୍ସ ଭୁବନେଶ୍ୱର ଏହି ମାସରେ ଏକାଧିକ କାର୍ଯ୍ୟକ୍ରମର ଯୋଜନା କରିଛି। ଏହି ଅଭିଯାନର ଏକ ଅଂଶ ଭାବରେ, ଏମ୍ସ ଭୁବନେଶ୍ୱରରେ ଉତ୍କଳ ଦିବସ ଉପଲକ୍ଷେ ଛାତ୍ର ଏବଂ ରୋଗୀଙ୍କ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରାଯାଇଥିବା ଅନୁଷ୍ଠାନର କୁଳସଚିବ ବି ବି ମିଶ୍ର ସୂଚନା ପ୍ରଦାନ କରିଥିଲେ। ମାଣ୍ଡିଆ ସେବନର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ନିକଟରେ ଏହାର ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଏମ୍ସ ଓପିଡିରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଡ. ଅଶୋକ କୁମାର ଜେନାଙ୍କ ଦ୍ୱାରା ଲିଖିତ "ସ୍ୱାସ୍ଥ୍ୟ ଉପକାର ଏବଂ ରୋଗ ଉପରେ ମାଣ୍ଡିଆର ପ୍ରଭାବ"ଶୀର୍ଷକ ଏକ ପୁସ୍ତକକୁ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ସେହିପରି ଏମ୍ସର ଡାଏଟିସିଆନ୍? ସୌମ୍ୟା ସୁଚରିତା ପୃଷ୍ଟି ନୈନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ୍ କରିବାର ଉପକାରିତା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଡିନ୍ (ଏକାଡେମିକ୍) ଡ. ପି ଆର୍ ମହାପାତ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ ଜେନା, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ ଏବଂ ଛାତ୍ର ପ୍ରତିନିଧି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ଏମ୍ସ ଭୁବନେଶ୍ୱରର ଏପରି ପଦକ୍ଷେପ ସମାଜରେ ମାଣ୍ଡିଆର ବ୍ୟବହାରକୁ ଆହୁରି ଅଧିକ କରିବ ବୋଲି ବିଶ୍ୱାସ ରହିଛି। ଆମ ମାଟିର ଏହି ପାରମ୍ପରିକ ପୁଷ୍ଟିଯୁକ୍ତ ଖାଦ୍ୟର ନୈନିକ ଉପଯୋଗ ଆମକୁ ନିରୋଗ ରଖିବା ସହିତ ମାନସିକ ଭାବେ ଆମକୁ ଦୃଢ଼ କରିବା ନେଇ ଭରସା ଥିବା ପ୍ରକାଶ।

# ମିଶନ ଅମୃତ ସରୋବର ଯୋଜନାରେ ନିମ୍ନ ମାନର କାର୍ଯ୍ୟ ,ଅର୍ଥ ହରିଲୁଟ ଅଭିଯୋଗ

ଖୋର୍ଦ୍ଧା ,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର କଣ୍ଟାବାଡ଼ ପଞ୍ଚାୟତ ସମେତ ୬ ଟି ପଞ୍ଚାୟତରେ ମିଶନ ଅମୃତ ସରୋବର ଯୋଜନାରେ ପ୍ରାୟ ୧୨କୋଟିରୁ ଉର୍ଦ୍ଧ୍ୱ କାର୍ଯ୍ୟ ଚାଲୁ ରହିଛି । ଏହି କାମ ସବୁକୁ ଜଳ ବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗର କିଛି ଅସାଧୁ କର୍ମଚାରୀ କୁଜି ନେତାଙ୍କୁ ଧରି ସେମାନଙ୍କୁ କାର୍ଯ୍ୟ କରିବାକୁ ଦେଇ ଅର୍ଥ ହରିଲୁଟ ଉଦ୍ୟମ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଏଥିରେ କୋଟି କୋଟି ଟଙ୍କାର କାର୍ଯ୍ୟ ଖୋର୍ଦ୍ଧା ଜଳ ବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କରାଯାଉଥିବାବେଳେ କାର୍ଯ୍ୟରେ ସ୍ୱଚ୍ଛତା ରହୁନଥିବାର ଅଭିଯୋଗ ହେଉଛି ।ଏହି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଭାଗ ତରଫରୁ କାର୍ଯ୍ୟ କରାଯାଉଥିବା ସ୍ଥାନ ଗୁଡିକରେ ଜଳ ବିଭାଜିକା କମିଟି ପ୍ରଥମେ ଗଠନ କରିବା କଥା । କର୍ମଚାରୀମାନେ ଗ୍ରାମର ଜନସାଧାରଣଙ୍କୁ ଅନ୍ଧାରରେ ରଖି କାହାକୁ ନଜଣାଇ କିଛି ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ କାଗଜ ପତ୍ରରେ କମିଟି ଗଠନ ହୋଇଥିବାର ଅଭିଯୋଗ ହୋଇଛି ।ଫଳରେ ଲୋକମାନେ ନଜାଣି ସେହି ମୁଷ୍ଟିମେୟ ଲୋକଙ୍କୁ ଧରି ବିଭାଗ ତରଫରୁ କାର୍ଯ୍ୟ ଆରମ୍ଭ ହେବା ଯୋଗୁଁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି ।ଏହି ସବୁ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରି ଅଭିଯୋଗ ଅନୁସାରେ ଗୋଟିଏ ପୋଖରୀ ପାଇଁ ୧୪ ଲକ୍ଷ ଟଙ୍କା ଆସିଥିବାବେଳେ କାର୍ଯ୍ୟ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଉନାହିଁ ।ଏହିସବୁ କାର୍ଯ୍ୟ ଜବକାର୍ଡଧାରୀଙ୍କ ଦ୍ୱାରା ହେବାକୁ ଥିବାବେଳେ କର୍ମଚାରୀମାନେ ମେସିନ ଦ୍ୱାରା କାର୍ଯ୍ୟ କରୁଛନ୍ତି । ନିୟମ ଅନୁସାରେ ଗୋଟିଏ ସେଣ୍ଟିମିଟର ପାଇଁ ୮ ୨ ଟଙ୍କା ଥିବାବେଳେ ଟ୍ରାକ୍ଟର ଦ୍ୱାରା ୫୦ଟଙ୍କାରେ କାର୍ଯ୍ୟ କରାଯାଉଛି ।ଏହି ସବୁ ଅନୈତିକ କାର୍ଯ୍ୟ ସମ୍ପର୍କରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ପୂର୍ବତନ ସମିତି ସଭ୍ୟ ଶିଶିରକୁମାର ଆଚାର୍ଯ୍ୟଙ୍କ ସମେତ ପଞ୍ଚାୟତବାସୀ ଲୋକାୟୁକ୍ତଙ୍କ ନିକଟରେ କେଶନଂ ଏଲଓ୍ୱାଇ ୧୨୬/୨୩ରେ ମୋକଦମା କରିଛନ୍ତି ।ଏଥି ସହିତ ମୃତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକଙ୍କୁ ଜଣାଇବା ପରେ ସେ ଗତ ୩୦ ତାରିଖ ଦିନ ସବୁ କାର୍ଯ୍ୟର ତଦନ୍ତ କରିବା ପାଇଁ ସମୟ ଧାର୍ଯ୍ୟ କରିଥିଲେ ।ସେହି ଅନୁସାରେ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟଙ୍କୁ ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀମାନେ ତଦନ୍ତ କରିବାକୁ ଘଟଣାସ୍ଥଳରେ ପହଂଚିବା ପାଇଁ ଫୋନ ଯୋଗେ ଜଣାଇଥିଲେ ।ଆପଣ ଲୋକମାନଙ୍କୁ ଧରି ସେଠାକୁ ଆସନ୍ତୁ ।ଏହି ଘଟଣାକୁ ଶୁଣି ଶ୍ରୀ ଆଚାର୍ଯ୍ୟ ଲୋକମାନଙ୍କୁ ଧରି ମଲ୍ଲୀପଦର ଡ୍ରେନେଜ କାମ ନିକଟରେ ଖରାରେ ଅପେକ୍ଷା କରିଥିବାବେଳେ ଅଧିକାରୀମାନେ ସେଠାକୁ ନଆସି ସମ୍ପୃକ୍ତ କାର୍ଯ୍ୟ କରୁଥିବା ଦୁଇଜଣଙ୍କୁ ସାଙ୍ଗରେ ଧରି ଅନ୍ୟ କାମ ଦେଖି ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ ।ଏକଥା ଜାଣିବା ପରେ ଶ୍ରୀ ଆଚାର୍ଯ୍ୟ ସମ୍ପୃକ୍ତ ଅଧିକାରୀଙ୍କୁ ଫୋନ କରି ପଚାରିବାରେ ସେ ଠିକ ଭାବରେ ଉତ୍ତର ଦେଇ ପାରିନଥିଲେ । ସଂପୃକ୍ତ ପଞ୍ଚାୟତବାସୀଙ୍କ କହିବା କଥା ହେଉଛି ଯେ ଯଦି ବିଭାଗୀୟ ଅଧିକାରୀ ମାନେ ଠିକ ଭାବେ କାର୍ଯ୍ୟ କରୁଛନ୍ତି ତାହେଲେ ଲୋକମାନେ ଅପେକ୍ଷା କରିଥିବାବେଳେ ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟକ୍ଷେତ୍ରକୁ ନଆସି ଲୁଚି ପଳେଇଲେ କାହିଁକି ।ତେଣୁ ଚାଲିଥିବା କୋଟି କୋଟି ଟଙ୍କାର କାର୍ଯ୍ୟ ନିମ୍ନ ମାନର କରାଯାଇ ବାଟ ମାରଣା କରାଯାଉଥିବାରୁ ଗ୍ରାମବାସୀମାନେ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି ।

# ଉପ ଜିଲାପାଳଙ୍କୁ ଭେଟିଲେ ଚମ୍ପୁଆ ପୂର୍ବତନ ସୈନିକ ସଂଘ

ଚମ୍ପୁଆ:୪/୪(ପି.ଏନ.): ଚମ୍ପୁଆ ପୂର୍ବତନ ସୈନିକ ସଂଘ ପକ୍ଷରୁ ଉପ ଜିଲାପାଳ ସୁକାନ୍ତ କୁମାର ମାଝିଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହିତ ଚମ୍ପୁଆ ଠାରେ ଯୁବକ ମାନଙ୍କୁ ସୈନିକ, ସାମରିକ ଓ ଅର୍ଦ୍ଧସାମରିକ ବାହିନୀ ପାଇଁ ଶାରିରୀକ ଦକ୍ଷତା ବିକାଶ ନିମନ୍ତେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବାକୁ ସଂଘ ପକ୍ଷରୁ ନିଷ୍ପତି ନିଆଯାଇଥିବା ବେଳେ ଏଥି ପାଇଁ ଜମି ଯୋଗାଇ ଦେବାକୁ ଲିଖିତ ଭାବେ ଅନୁରୋଧ କରିଥିଲେ। ଏହି ଅଭିଯୋଗରେ ସଂଘ ଯୁବ ପିଢିଙ୍କୁ ମୋଟିଭେସନ କରିବା ସହିତ ଶାରିରୀକ ଓ ଶିକ୍ଷା ପ୍ରଶିକ୍ଷଣ ମଗଣାରେ ଯୋଗାଇ ଦେବ। ଯାହା ଫଳରେ ସ୍ଥାନୀୟ ଅଂଚଳର ଯୁବକ ଯୁବତିମାନେ ସାମରିକ ଅର୍ଦ୍ଧସାମରିକ ବାହିନୀରେ ଅନାୟସରେ ପ୍ରବେଶ କରିପାରିବେ ଏବଂ ଯୁବକ ଯୁବତୀଙ୍କର ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହିତ ସ୍ଥାନୀୟ ଅଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିପାରିବେ।

# ପାରାଦୀପ ବନ୍ଦର କ୍ଷମତା ୩୦୦ ନିୟୁତ ଟନ୍ ଟପିବ : ମାଲ୍ ପରିଚାଳନା ଅଭିବୃଦ୍ଧିରେ ସବୁ ବନ୍ଦରକୁ ପଛରେ ପକାଇଲା




ଫଟୋ : ଶୁଭେନ୍ଦୁ

ଭୁବନେଶ୍ୱର,(ପି.ଏନ):ଅଦ୍ୟାବଧି ପାରାଦୀପ ବନ୍ଦରର କାର୍ଗୋ ପରିଚାଳନା କ୍ଷମତା ୨୮୯ ନିୟୁତ ମେଟ୍ରିକ ଟନ୍ ରହିଛି। ଏଠାରେ ଓ୍ୱେଷ୍ଟର୍ନ ଡକ୍ ପ୍ରକଳ୍ପ କାର୍ଯ୍ୟକ୍ରମ ହେଲେ ଆଗାମୀ ୩ବର୍ଷରେ ବନ୍ଦରର କ୍ଷମତା ୩୦୦ ନିୟୁତ ମେଟ୍ରିକ ଟନ୍ ଟପିବ। ୩ ହଜାର କୋଟିରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ବନ୍ଦରରେ ଆଉ ୨୫ ନିୟୁତ ମେଟ୍ରିକ ଟନ୍ କ୍ଷମତା ଯୋଡିବ । ପିପିପିରେ ଏହାର ନିର୍ମାଣ ଲାଗି ଜେଏସ୍‌ପିଏଲ୍‌କୁ ଦାୟିତ୍ୱ ଦିଆଯାଇଛି। ଏହି ପ୍ରକଳ୍ପ ଦ୍ୱାରା ୨୦୨୬ମସିହା ବେଳକୁ ବଡ ବଡ ଜାହାଜଗୁଡିକ ବନ୍ଦରରେ ଲାଗି ପାରିବ ବୋଲି ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ପିଏଲ୍ ହରନାଦ କହିଛନ୍ତି । ଆଜି ଭୁବନେଶ୍ୱରସ୍ଥ ଏକ ହୋଟେଲରେ ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରନାଦ କହିଛନ୍ତି ଯେ,୨୦୨୨-୨୩ ଆର୍ଥିକ ବର୍ଷରେ ବନ୍ଦର ବାର୍ଷିକ ସର୍ବାଧିକ ୧୩୫.୩୬ ନିୟୁତ ମେଟ୍ରିକ ଟନ୍ ଟ୍ରାଫିକ ପରିଚାଳନା କରିଛି। ଏହା ୨୦୨୧-୨୨ଆର୍ଥିକ ବର୍ଷରେ ୧୧୬.୧୩ ନିୟୁତ ମେଟ୍ରିକ ଟନ୍ ଥିଲା । ତେବେ କୌଣସି ନିର୍ଦ୍ଦିଷ୍ଟ ଏକ ଆର୍ଥିକ ବର୍ଷରେ ସର୍ବାଧିକ ଟ୍ରାଫିକ ଅଭିବୃଦ୍ଧି ହାସଲରେ ଏହା ସକ୍ଷମ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ ଅଭିବୃଦ୍ଧି ୧୯.୨ ନିୟୁତ ମେଟ୍ରିକ ଟନ୍ (୧୬.୫୬ %)। କାର୍ଗୋ ପରିଚାଳନାରେ ଅଭିବୃଦ୍ଧିରେ ଦେଶର ସବୁ ବନ୍ଦରକୁ ପାରାଦୀପ ବନ୍ଦର ପଛରେ ପକାଇ ଦେଇଛି । ଦେଶରେ ମୋଟ୍ ବନ୍ଦର ଗୁଡିକର କାର୍ଗୋ ପରିଚାଳନା ଅଭିବୃଦ୍ଧିକୁ ଏହି ବନ୍ଦରର ଯୋଗଦାନ ୧୯.୨ ନିୟୁତ ମେଟ୍ରିକ ଟନ୍ (୨୫.୬ %) । ସେହିପରି ଉପକୂଳ ନୌପରିବହନ ଟ୍ରାଫିକ କ୍ଷେତ୍ରରେ ବନ୍ଦରର ଯୋଗଦାନ ୫୮.୪୨ ନିୟୁତ ମେଟ୍ରିକ ଟନ୍ । ୨୦୨୧-୨୨ ଆର୍ଥିକ ବର୍ଷରେ ଗତବର୍ଷ ତୁଳନାରେ ୧୬.୨୨ ନିୟୁତ ମେଟ୍ରିକ ଟନ୍ ଅଧିକ କାର୍ଗୋ ପରିଚାଳନା କରିପାରିଛି ଏହି ବନ୍ଦର । ଠିକ୍ ସେହିଭଳି ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକୁ ଅଧିକ ୫୦ % ବା ୧୪ ନିୟୁତ ଟନ୍ କୋଇଲା ପରିବହନ କରାଯାଇଛି । ସେ ପୁଣି କହିଛନ୍ତି ଯେ, ବନ୍ଦରର ବର୍ଥ କ୍ଷମତା ୩୧,୦୫୦ ମେଟ୍ରିକ ଟନ୍‌କୁ ବୃଦ୍ଧି ହୋଇଛି । ଯାହା ୨୦୨୧-୨୨ଆର୍ଥିକ ବର୍ଷରେ ଥିଲା ୨୭.୨୯୫ ମେଟ୍ରିକ ଟନ୍ । ଏ କ୍ଷେତ୍ରରେ ଅଭିବୃଦ୍ଧି ୧୩.୭୬% ବୃଦ୍ଧି ହୋଇଛି । ବର୍ଥ ଉତ୍ପାଦକତାରେ ଏହି ସଫଳତା ମଧ୍ୟ ଦେଶର ଅନ୍ୟ ବନ୍ଦରଠାରୁ ସର୍ବାଧିକ। ୨୦୨୨-୨୩ ଆର୍ଥିକ ବର୍ଷରେ ୨୩୯୪ଟି ଜାହାଜକୁ ପରିଚାଳନା କରିଛି , ଯାହା ଏହାର ପୂର୍ବ ଅବଧି ତୁଳନାରେ ୧୬% ଅଧିକ । କାର୍ଗୋ ପରିଚାଳନାକୁ ଉନ୍ନତ କରିବା ଲାଗି ଏବେ ଦକ୍ଷ ବ୍ୟବସ୍ଥା ଗ୍ରହଣ କରାଯାଉଅଛି । ଏହାଦ୍ୱାରା ଖଣିରୁ ବନ୍ଦରକୁ ଆସୁଥିବା କୋଇଲା ଟ୍ରେନ୍ ବୋଝେଇ ଏବଂ ଜାହାଜରେ ଲୋଡିଂ ସମୟର ହ୍ରାସ ହୋଇଛି । ଯାହାଫଳରେ ତାପଜ କୋଇଲା ପରିଚାଳନା ୨୯.୨୨ ନିୟୁତ ମେଟ୍ରିକ ଟନ୍‌କୁ ଛୁଇଁ ପାରିଛି । ଏତଦ୍ ବ୍ୟତିତ ବନ୍ଦରର ନର୍ଥ ଡକ୍‌ରେ ୧୬ମିଟରର କେପ୍ ବିଶିଷ୍ଟ ଜାହାଜ ଚଳାଚଳ ନେଇ ବ୍ୟବସ୍ଥା ହୋଇଛି । ଟ୍ରାଫିକ ପରିଚାଳନା ଦେୟ ସମ୍ପର୍କରେ ଶ୍ରୀ ହରନାଦ କହିଛନ୍ତି ଯେ, ଦେଶର ଅନ୍ୟ ବନ୍ଦର ତୁଳନାରେ ପାରାଦୀପ ବନ୍ଦରର ଟ୍ରାଫିକ ପରିଚାଳନା ସବୁଠାରୁ ଶସ୍ତା । ସେହିଭଳି ଅଦ୍ୟାବଧି ବନ୍ଦରର ୮୦ % ବର୍ଥକୁ ମେକାନାଇଜଡ୍ କରାଯାଇଛି । ଏବଂ ୨୦୩୦ମସିହା ବେଳକୁ ଏହାକୁ ଶତ ପ୍ରତିଶତ ମେକାନାଇଜଡ୍ କରାଯିବ । ବନ୍ଦରରେ ଯୋଡି ହେବାକୁ ଯାଉଛି ଆଉ ୪ଟି ବର୍ଥ ।ବନ୍ଦରର ଯୋଗାଯୋଗ ବ୍ୟବସ୍ଥା ଦୃଢ କରିବା ପାଇଁ ୧୫୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୨ଟି ଫ୍ଲାଏଓଭର ଶୀଘ୍ର କାର୍ଯ୍ୟକ୍ଷମ ହେବ । ଠିକ୍ ସେହିପରି ବନ୍ଦର ଭିତିକ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ୭୬୯ଏକର ଜମି ବିଭିନ୍ନ ଶିଳ୍ପସଂସ୍ଥାକୁ ଆବଂଟନ କରାଯାଇଛି ଏବଂ ଏଥିରେ ୮୭୦୦ କୋଟି ଟଙ୍କାର ପୁଂଜିନିବେଶ ସହ ବନ୍ଦରକୁ ୫୦ ନିୟୁତ ମେଟ୍ରିକ ଟନ୍‌ର ଟ୍ରାଫିକ ଆକର୍ଷିତ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି । ବନ୍ଦରରେ ସବୁଜ ଶକ୍ତି ବ୍ୟବହାର ସମ୍ପର୍କରେ ସେ କହିଛନ୍ତି ଯେ, ୨୦୨୫ମସିହା ବେଳକୁ ୧୦ଲକ୍ଷ ବୃକ୍ଷରୋପଣ କରିବାର ଯୋଜନା କରାଯିବା ସହ ବନ୍ଦରରେ ୧୦ ମେଗାୱାଟର ସୌର ଶକ୍ତି ଉତ୍ପାଦନ ଲାଗି ବ୍ୟବସ୍ଥା ମଧ୍ୟ କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୨ ଲକ୍ଷ ବୃକ୍ଷରୋପଣ କରାଯାଇଥିଲା । ବନ୍ଦର ଏହାର ସମଗ୍ର ଶକ୍ତି ଆବଶ୍ୟକତା ସବୁଜ ଶକ୍ତି ଉତ୍ସରୁ ଭରଣା କରିବା ଲକ୍ଷ୍ୟ ଦିଗରେ ଏବେ ଅଗ୍ରସର ହୋଇଛି । ଏଠାରେ ଗ୍ରୀନ ହାଇଡ୍ରୋଜେନ୍ ଓ ଗ୍ରୀନ ଆମୋନିଆ ଲାଗି ସ୍ୱତନ୍ତ୍ର ବର୍ଥ ବିକଶିତ କରାଯିବ । ସେହିଭଳି ସଦ୍ୟତମ ଜାହାଜ ଟ୍ରାଫିକ ସୂଚନା ପରିଚାଳନା ସହ ଅତ୍ୟାଧୁନିକ ସିଗନାଲ୍ ଷ୍ଟେସନ ମଧ୍ୟ ବିକଶିତ ହେଉଛି । ବନ୍ଦରର ରାଜସ୍ୱ ୧୮ରୁ ୧୯ % ଅଭିବୃଦ୍ଧି ହୋଇ ୨ ହଜାର କୋଟି ଟଙ୍କା ଛୁଇଁଛି । ଏହାର ପରିଚାଳନା ଅନୁପାତ ୩୮% । ଠିକ୍ ସେହିପରି ପ୍ରାୟ ୨୦୦ କୋଟି ଟଙ୍କା ପୁଂ ଖର୍ଚ୍ଚ ନେଇ ଯୋଜନା ରହିଥିବା ଶ୍ରୀ ହରନାଦ ଉଲ୍ଲେଖ କରିଛନ୍ତି । ବନ୍ଦର ପରିଚାଳନାରେ ସହଯୋଗ ପାଇଁ ଶ୍ରୀ ହରନାଦ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଓଡିଶା ସରକାର ଓ ଅନ୍ୟ ସଙ୍ଗଠନଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି । ଏହି ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇପିଏ ଏମ୍‌ଡି ଏକେ ବୋଷ, ସଚିବ ଡ. ପିଏନ୍ ବହେକର, ଟ୍ରାଫିକ ମ୍ୟାନେଜର ଡି.ଏଡିସନ୍, ଏଫ୍‌ଏ ଆଣ୍ଡ ସିଏଓ ଡିଏନ୍ ସୋଣ୍ଡୀ ଏବଂ ଡେପୁଟୀ କରଭେଟର କ୍ୟାପଟେନ୍ ଏସି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray